
# ଛେଳି ଓ ମେଣ୍ଢା ପାଳନ



ସମ୍ବାଦ ସରବରାହ ସଂସ୍ଥା, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

# ଛେଳି ଓ ମେଣ୍ଢା ପାଳନ

*ସଂପାଦନା*

**ଡାଃ. ସୁଭାଷ ଚନ୍ଦ୍ର ଚୌଧୁରୀ**

ସୂଚନା ଅଧିକାରୀ

*ପ୍ରକାଶନା :*

ସମ୍ବାଦ ସରବରାହ ସଂସ୍ଥା

ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ

ଓଡ଼ିଶା, କଟକ - ୭୫୩ ୦୦୧

# ଛେଳି ଓ ମେଣ୍ଢା ପାଳନ

ସବୁ ଗୃହପାଳିତ ପଶୁ ମଧ୍ୟରେ କୁକୁରକୁ ଛାଡିଦେଲେ ପୃଥିବୀର ଅଧିକାଂଶ ଅଞ୍ଚଳରେ ପ୍ରାୟ ଛେଳି ଦେଖାଯାଆନ୍ତି । ଅତି ଥଣ୍ଡା, ଭୀଷଣ ଗରମ, ଶୁଷ୍କ, ଆର୍ଦ୍ର ତଥା ମରୁଭୂମି ଅଞ୍ଚଳରେ ମଧ୍ୟ ଛେଳି ବେଶ୍ ବଢିପାରେ । ସେହିପରି ମେଣ୍ଢାମାନେ ମଧ୍ୟ ଥଣ୍ଡା ଓ ଗରମ ଅଞ୍ଚଳରେ ବଢିପାରନ୍ତି ।

ଛେଳି ଓ ମେଣ୍ଢାମାନଙ୍କର ଚରିବା ପ୍ରକୃତିକୁ ଅନୁଧ୍ୟାନ କରି ଦେଖାଯାଇଛି ଯେ, ମେଣ୍ଢାମାନେ ସବୁବେଳେ ତଳକୁ ମୁହଁକରି ଘାସ ଚରିବାକୁ ଭଲ ପାଆନ୍ତି ଓ ସେପରି କୌଣସି ଆବଶ୍ୟକତା ନଥାଇ ମେସାନେ ମୁହଁ ଉଠାଇବା ଦେଖାଯାଏ ନାହିଁ । ସେହିପରି ଛେଳିମାନେ ସବୁବେଳେ ଉପରକୁ ମୁହଁ କରି ଡାଳପତ୍ର ଖାଇବାକୁ ଭଲ ପାଆନ୍ତି । ଅତି ଆବଶ୍ୟକତା ନଥିଲେ ଛେଳି ତଳକୁ ମୁହଁ କରି ଖାଦ୍ୟ ଅନ୍ୱେଷଣ କରେ ନାହିଁ । ଏଥିଲାଗି ମେଣ୍ଢାମାନଙ୍କ ସହ ପ୍ରତିଯୋଗିତା ନଥାଏ ।

ଆମ ରାଜ୍ୟରେ ଚାଷୀଭାଇମାନେ ଭାବନ୍ତି, ଝାଡଜଙ୍ଗଲ ଅଞ୍ଚଳରେ କେବଳ ଛେଳି ଓ ମେଣ୍ଢା ପାଳନ କରିହେବ । ତାହା ଭୁଲ । ଛେଳିମାନେ ଚାଷୀଭାଇମାନଙ୍କର ନିଜର ଘରବାଡି, ବଗିଚା ଇତ୍ୟାଦିକୁ ଘେରେଇବା ପାଇଁ ବାଡରେ ବିଭିନ୍ନ କଣ୍ଟାଗଛ ଓ ସାନ ସାନ ଗଛର ପତ୍ର ଖାଇ ମଧ୍ୟ ଚଳିଯିବେ । ସେହିପରି ମେଣ୍ଢାମାନେ ହେଉଛନ୍ତି ସୁଦକ୍ଷ ତୃଣଭୋଜୀ । ସେ ଯେତେ ପ୍ରକାର ଘାସ, ଲତା, ଗୁଳ୍ମ ଖାଏ, ସେସବୁ ଚିହ୍ନି ଜାଣି ରଖିବା ମଣିଷ ପକ୍ଷେ ଅସମ୍ଭବ ବ୍ୟାପାର । ମେଣ୍ଢାମାନେ ସାଧାରଣତଃ ଅତିଛୋଟ ଘାସ ଖାଇବାକୁ ଭଲପାଆନ୍ତି । ଗୋରୁ ଚରିଯିବା ପରେ ମେଣ୍ଢାମାନେ ଥୁଣ୍ଟା ଘାସକୁ ଛିଣ୍ଡାଇ ମଧ୍ୟ ଖାଇପାରନ୍ତି । ତେଣୁ ମେଣ୍ଢାମାନଙ୍କୁ ଗୋରୁପଲ ସହିତ ଚରାଇବା ଉଚିତ ।

ମେଣ୍ଢାମାନେ ଦଳବଦ୍ଧ ହୋଇ ରହିବାକୁ ଭଲପାଆନ୍ତି । ସେମାନଙ୍କର ଏକାଠି ରହିବାର ପ୍ରବୃତ୍ତି ଦୃଷ୍ଟିରୁ, ମେଣ୍ଢାକୁ ଏକ ବରିଷ୍ଠ ସାମାଜିକ ଜୀବ ବୋଲି କୁହାଯାଇପାରେ । ଗୋଟିଏ ମେଣ୍ଢାର କାର୍ଯ୍ୟକୁ ଦଳର ଅନ୍ୟମାନେ ନିର୍ବିଚାରରେ ଅନୁକରଣ କଲାଭଳି ମନେହୁଏ । ଛେଳି ଓ ମେଣ୍ଢାମାନେ ସାଧାରଣତଃ ଶୁଖିଲା ଜାଗାରେ ରହିବାକୁ ଓ ଉଚ୍ଚସ୍ଥାନରେ ବୁଲାଚଲା କରିବାକୁ ଭଲପାଆନ୍ତି ।

ଛେଳି ଓ ମେଣ୍ଢାମାନଙ୍କର ହଜମଶକ୍ତି ଅନ୍ୟ ସବୁ ପ୍ରକାରର ରୋମନ୍ଥନକାରୀ ପ୍ରାଣୀମାନଙ୍କ ତୁଳନାରେ ଅତି ଦକ୍ଷ । ସେମାନେ ଅତି ନିକୃଷ୍ଟ ଧରଣର ଗଛପତ୍ର ଓ

ଛୋଟଘାସ ଖାଇ ବେଶ୍ ବଢ଼ିପାରନ୍ତି । ତେଣୁ ଯେଉଁ ଅଞ୍ଚଳରେ ଅନ୍ୟ କୌଣସି ରକମର ପଶୁପାଳନ ସମ୍ଭବପର ନୁହେଁ, ସେଠାରେ ଛେଳି ଓ ମେଣ୍ଢା ପାଳନ କରାଯାଇପାରିବ । ଦେଶର ଚାରଣଭୂମି ଯେପରି କମି କମି ଆସିଲାଣି, ଏହି ପରିସ୍ଥିତିରେ ମଧ୍ୟ ଛେଳି ଓ ମେଣ୍ଢା ପାଳନରେ କିଛି ଅସୁବିଧା ହେବ ନାହିଁ ।

ଏଥିଯୋଗୁଁ ବର୍ତ୍ତମାନ ଓଡ଼ିଶାରେ ଛେଳି ଓ ମେଣ୍ଢାପାଳନକୁ ଅଗ୍ରାଧିକାର ଦିଆଯାଉଅଛି । ଚାଷୀଭାଇମାନେ ଛେଳି ଓ ମେଣ୍ଢା ପରିପାଳନ ବିଷୟରେ ସବିଶେଷ ଜାଣିବା ପାଇଁ ସେହି ଜାତୀୟ ପଶୁମାନଙ୍କର ଖାଦ୍ୟ, ପ୍ରଜନନ, ରୋଗ ନିରାକରଣ ଓ ପାଳନର ଆର୍ଥିକ ଦିଗ ବିଷୟରେ ଏଠାରେ ପ୍ରକାଶ କରାଯାଉଅଛି ।

## ମେଣ୍ଢା ଖୁଆଇବା ପ୍ରଣାଳୀ :–

ଅନ୍ୟ ପଶୁମାନଙ୍କ ଅପେକ୍ଷା ମେଣ୍ଢା ପାଳନରେ ଅନେକ ସୁବିଧା ରହିଛି । ତେଣୁ ଦେଶର ସବୁ ଅଞ୍ଚଳରେ ଏମାନଙ୍କୁ ସୁବିଧାରେ ପାଳନ କରାଯାଇପାରିବ । ସେମାନେ ଉଭୟ ପଶମ ଓ ଛୁଆ ଦେଉଥିବାରୁ, ଚାଷୀମାନେ ଉଭୟ ଦିଗରୁ ଲାଭବାନ୍ ହୋଇଥାନ୍ତି । ମେଣ୍ଢା ଛୁଆମାନେ ୬ ରୁ ୮ ମାସ ବୟସ ବେଳକୁ ଖାଦ୍ୟ ଉପଯୋଗୀ ହୋଇଥାନ୍ତି । ତେଣୁ ଚାଷୀମାନଙ୍କୁ ଶୀଘ୍ର କିଛି ଟଙ୍କା ମିଳିଯାଇଥାଏ ।

## ମେଣ୍ଢାମାନଙ୍କର ଖାଦ୍ୟ :–

ଆଗେ ଭାରତରେ ଏକ ସ୍ୱତନ୍ତ୍ର ଯାଯାବର ଶ୍ରେଣୀର ଲୋକେ ମେଣ୍ଢାପାଳନ କରୁଥିଲେ । ସେମାନେ ଋତୁର ପରିବର୍ତ୍ତନ ଓ ଚାରଣ ଭୂମିର ସୁବିଧା ଅନୁସାରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଉଥିଲେ । ଏମାନେ ଖୁବ୍ କମ୍‌ରେ ଗୋଟିଏ ଗୋଟିଏ ଗୋଠରେ ୫୦ ରୁ ୬୦ଟି ଲେଖାଏଁ ମେଣ୍ଢା ପାଳୁଥିଲେ । ମେଣ୍ଢାମାନେ ଅଧିକ ପରିମାଣରେ ମୋଟାରୋଟା ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି । ଏହି ଶସ୍ତା ଖାଦ୍ୟକୁ ସେମାନେ ଉତ୍କୃଷ୍ଟ ମାଂସରେ ପରିଣତ କରିଥାନ୍ତି । ଗୋଟିଏ ଗୋଠ ମେଣ୍ଢାଙ୍କୁ ସୁସ୍ଥ, ସବଳ ଓ ନୀରୋଗ ରଖିବାକୁ ହେଲେ ସେମାନଙ୍କ ଖାଦ୍ୟ ଓ ପରିପାଳନ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡିବ । ସାଧାରଣତଃ ମେଣ୍ଢାମାନେ ଜଙ୍ଗଲୀଘାସ, ଲତା ଓ ଫାର୍ମର ନଷ୍ଟ ପଦାର୍ଥ ଖାଇ ବଞ୍ଚିପାରନ୍ତି । ସେମାନେ ଉତ୍କୃଷ୍ଟ ଅନାବନା ଘାସ ବିନଷ୍ଟକାରୀ । ଅଧିକ ଉତ୍ପାଦନ ପାଇବାକୁ ହେଲେ ସେମାନଙ୍କୁ ବାଦାମ ପିଡ଼ିଆ, ଚିଳ ପିଡ଼ିଆ କିମ୍ବା ସୂର୍ଯ୍ୟମୁଖୀ ପିଡ଼ିଆ ଖୁଆଇବାକୁ ପଡ଼ିଥାଏ । ଡାଲି ଜାତୀୟ ଘାସ ଏବଂ ଶୁଖିଲା ଘାସ ମଧ୍ୟ ଏମାନଙ୍କର ଉତ୍ତମ ଖାଦ୍ୟ ରୂପେ ପରିଗଣିତ ହୋଇଥାଏ । ମେଣ୍ଢାମାନଙ୍କୁ ଚରିବା ସହିତ ଦୈନିକ ୧୧୦ ରୁ ୨୨୫ ଗ୍ରାମ୍ ପିଡ଼ିଆ ଦେଲେ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ ।

## ସୁଷମଦାନା –

| | |
|---|---|
| କୁଣ୍ଡା | ୩୫ ଭାଗ |
| ଚୋକଡ | ୩୫ ଭାଗ |
| ବାଦାମ ପିଡିଆ | ୨୭ ଭାଗ |
| ଖଣିଜ ମିଶ୍ରଣ | ୦୩ ଭାଗ |
| | ୧୦୦ ଭାଗ |

## ଉତ୍‌ଧାବନ –

ମେଣ୍ଢୀମାନଙ୍କର ପ୍ରଜନନ ଋତୁ ଆରମ୍ଭର ଦୁଇ ସପ୍ତାହ ପୂର୍ବରୁ ସେମାନଙ୍କୁ ଶସ୍ୟ ଜାତୀୟ ଦାନା ଦେବା କିମ୍ବା ନୂଆ ଚାରଣ ଭୂମିକୁ ସ୍ଥାନାନ୍ତର କରିବାକୁ ଉତ୍‌ଧାବନ କୁହାଯାଏ ।

## ଏହାର ଉପକାରିତା ହେଲା –

୧. ଏହା ଫଳରେ ମେଣ୍ଢୀମାନେ ଶୀଘ୍ର ଗରମକୁ ଆସନ୍ତି । ଫଳରେ ଶୀଘ୍ର ଛୁଆ ଦିଅନ୍ତି ।

୨. ସବୁ ମେଣ୍ଢୀମାନେ ଏକ ସଙ୍ଗରେ ଗରମକୁ ଆସନ୍ତି । ଫଳରେ ଏକ ସଙ୍ଗରେ ପ୍ରଜନନର ସୁବିଧା ହୁଏ ଓ ଏକ ସଙ୍ଗରେ ଛୁଆ ଦିଅନ୍ତି ।

୩. ପ୍ରଜନନ ଦକ୍ଷତା ବୃଦ୍ଧି ପାଏ ।

୪. ଅଧିକ ଯାଆଁଳା ଛୁଆ ଜନ୍ମ ହୁଅନ୍ତି ।

## ଗର୍ଭବତୀ ମେଣ୍ଢୀଙ୍କୁ ଖୁଆଇବା ପ୍ରଣାଳୀ –

ଗର୍ଭାବସ୍ଥାରେ ମେଣ୍ଢୀମାନଙ୍କୁ ଉପଯୁକ୍ତ ଭାବରେ ଖୁଆଇବା ଉଚିତ୍, କାରଣ ଠିକ୍ ଭାବରେ ଖାଇବାକୁ ନ ଦେଲେ ଦୁର୍ବଳ ଛୁଆ କିମ୍ବା ମଲା ଛୁଆ ଜନ୍ମ ହୁଅନ୍ତି । ଠିକ୍ ଭାବରେ ଖୁଆଇଲେ ନିମ୍ନ ପ୍ରକାର ସୁବିଧା ମିଳିଥାଏ ।

୧. ଅଧିକ ସଂଖ୍ୟାରେ ଜୀବନ୍ତ ଛୁଆ ଜନ୍ମ ହୁଅନ୍ତି ।

୨. ଛୁଆମାନେ ଭଲ ବଢନ୍ତି ।

୩. ଛୁଆମାନଙ୍କର ପକ୍ଷାଘାତ ରୋଗ ହେବାର ସମ୍ଭାବନା ନ ଥାଏ ।

୪. ମେଣ୍ଢୀମାନେ ଅଧିକ ବର୍ଷ ପ୍ରଜନନକ୍ଷମ ରୁହନ୍ତି ।

୫. ଅଧିକ ଦୁଗ୍ଧ ଦିଅନ୍ତି ।
୬. ପଶମର ଗୁଣ ଓ ପରିମାଣ ବୃଦ୍ଧି ଘଟିଥାଏ ।

ମେଣ୍ଢୀମାନଙ୍କର ଗର୍ଭାବସ୍ଥା ୫ ମାସ ରହେ ଓ ଶେଷ ୨½ ମାସରେ ମେଣ୍ଢୀମାନଙ୍କୁ ଭଲ ତୃଣ ଜାତୀୟ ଖାଦ୍ୟ ଦେବା ଉଚିତ୍ । ଗର୍ଭର ୧୧ ସପ୍ତାହ ଠାରୁ ଦୈନିକ ମେଣ୍ଢୀ ଦାନାରେ ଆଉ ଅଧିକ ୧୧୦ ଗ୍ରାମ୍ ଶସ୍ୟ ଜାତୀୟ ଦାନା ଓ ୧୬ ସପ୍ତାହଠାରୁ ଦୈନିକ ୨୨୫ ଗ୍ରାମ ଦାନା ଅଧିକ ଦେବା ଦରକାର । ଯଦି ମେଣ୍ଢୀକୁ ଡାଲି ଜାତୀୟ ଘାସ ଦିଆଯାଉ ନ ଥାଏ, ତେବେ ସେମାନଙ୍କ ଖାଦ୍ୟରେ ପିଡିଆ ଦେବା ଦରକାର ।

## ମେଣ୍ଢୀଙ୍କୁ ଖୁଆଇବା ପ୍ରଣାଳୀ –

ମେଣ୍ଢୀମାନେ ଛୁଆଙ୍କୁ ଦୁଗ୍ଧ ଦେଉଥିବା ସମୟରେ ସେମାନଙ୍କୁ ଉପଯୁକ୍ତ ପରିମାଣ ଖାଦ୍ୟ ଦେବା ଉଚିତ । ଛୁଆ ଦେବାର ପ୍ରଥମ ୧୦ ଦିନ ପର୍ଯ୍ୟନ୍ତ ମେଣ୍ଢୀମାନଙ୍କୁ ପ୍ରଚୁର ପରିମାଣରେ ଡାଲି ଜାତୀୟ ତୃଣ ଏବଂ ଦୈନିକ ୨୦୦ ଗ୍ରାମ୍ ଲେଖାଏଁ ସୁଷମ ଦାନା ଦେବା ଦରକାର ।

ଯଦି ଏମାନଙ୍କୁ ଶୁଖିଲା ଘାସ ଖୁଆଯାଉଥାଏ, ତେବେ ଦୈନିକ ୩୫୦ ଗ୍ରାମ୍ ଲେଖାଏଁ ସୁଷମ ଦାନା ଦେବା ଉଚିତ୍ । ଯଦି ଉତ୍ତମ ଚାରଣ ଭୂମି ମିଳେ, ତେବେ କୌଣସି ସୁଷମ ଦାନା ଦେବା ଦରକାର ନାହିଁ । ମାତ୍ର ପ୍ରତି ମେଣ୍ଢୀକୁ ଦୈନିକ ୨ ଗ୍ରାମ୍ ଲୁଣ ଓ ୨ ଗ୍ରାମ୍ ଧାତବ ମିଶ୍ରଣ ଦେବାକୁ ପଡିଥାଏ । ଆମ ରାଜ୍ୟରେ ଚାରଣ ଭୂମି ବା ପଡିଆ ବେଶୀ ନଥିବାରୁ, ମେଣ୍ଢୀମାନଙ୍କୁ ଦୈନିକ ୩୦୦ ରୁ ୪୦୦ ଗ୍ରାମ ସୁଷମ ଦାନା ଦେବା ଦରକାର ।

## ମେଣ୍ଢା ଛୁଆଙ୍କୁ ଖୁଆଇବା ଓ ମୋଟା କରିବା ପ୍ରଣାଳୀ –

ଯେଉଁ ମେଣ୍ଢା ଛୁଆଙ୍କୁ ମାଂସ ପାଇଁ ପାଳନ କରାଯାଉଥାଏ, ସେମାନଙ୍କୁ ଦୈନିକ ସୁଷମ ଦାନା ଦେବା ଉଚିତ । ଏକ ଭାଗ କୁଣ୍ଡା, ୨ ଭାଗ ଶସ୍ୟ, ଏକଭାଗ ପିଡିଆ ମିଶାଇ ସୁଷମ ଦାନା ତିଆରି କରି ସେଥିରୁ ମେଣ୍ଢା ଛୁଆକୁ ଦୈନିକ ୧୧୦ରୁ ୪୫୦ ଗ୍ରାମ୍ ପର୍ଯ୍ୟନ୍ତ ବୟସ ଓ ଓଜନ ହିସାବକୁ ନେଇ ଦେବା ଦରକାର ।

## ମେଣ୍ଢାଙ୍କୁ ଚରାଇବା ପ୍ରଣାଳୀ –

ମେଣ୍ଢାମାନେ ଗୋଟିଏ ଚାରଣ ଭୂମିରେ ସବୁବେଳେ ଚରିବା ସମ୍ଭବ ନୁହେଁ ।

ଖରା ଓ ବର୍ଷା ଋତୁରେ ସେମାନେ ଚାରଣ ଭୂମିର ଉପର ଅଂଶକୁ ଚରିବା ପାଇଁ ଚାଲିଯାଆନ୍ତି ଓ ଶୀତ ଦିନେ ତଳ ଅଂଶକୁ ଫେରିଆସନ୍ତି । ଆମ ରାଜ୍ୟରେ ଭଲ ଚାରଣ ଭୂମି ନାହିଁ କହିଲେ ଚଳେ । ତେଣୁ ମେଣ୍ଢାମାନେ ଚରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ପ୍ରତିଦିନ ଅନ୍ତତଃ ୧୫୦ରୁ ୨୫୦ ଗ୍ରାମ୍ ପର୍ଯ୍ୟନ୍ତ ସୁଷମ ଦାନା ଦେବାକୁ ପଡିଥାଏ ।

## ନବଜାତ ମେଣ୍ଢା ଛୁଆଙ୍କ ଯତ୍ନ –

ନୂଆ ଜନ୍ମ ହୋଇଥିବା ମେଣ୍ଢା ଛୁଆଙ୍କ ଜୀବନର ପ୍ରଥମ ୪୮ ଘଣ୍ଟା ବଡ ସଙ୍କଟମୟ ସମୟ । ସେମାନଙ୍କୁ ମନଇଚ୍ଛା ମା' ଠୁଁ ଦୁଗ୍ଧ ପିଇବାକୁ ଛାଡିଦେବା ଉଚିତ୍ ।

## ମେଣ୍ଢାମାନଙ୍କୁ ପାଣି ଦେବା ପ୍ରଣାଳୀ –

ଦିନର ସବୁ ସମୟରେ ବିଶେଷତଃ ଚରିବା ସମୟରେ ଓ ଖରାଦିନେ ମେଣ୍ଢାମାନଙ୍କୁ ପ୍ରଚୁର ନିର୍ମଳ ପାଣି ପିଇବାକୁ ଦେବା ବିଧେୟ । ଯଦି ପାଣିର ଅଭାବ ଥାଏ, ତେବେ ଖରାଦିନେ ଅନ୍ତତଃ ଦିନରେ ୩/୪ଥର ଓ ଶୀତଦିନେ ଅନ୍ତତଃ ୨/୩ଥର ପାଣି ପିଇବାକୁ ଦେବା ଦରକାର ।

## ଛେଳିମାନଙ୍କୁ ଖୁଆଇବା ପ୍ରଣାଳୀ –

ଗୋରୁ ଗାଈମାନଙ୍କୁ ଯେଉଁ ପ୍ରଣାଳୀରେ ଖୁଆଯାଇଥାଏ, ଛେଳିମାନଙ୍କୁ ମଧ୍ୟ ସେହି ପ୍ରଣାଳୀରେ ଖୁଆଯାଇଥାଏ । ଛେଳିମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇଥାନ୍ତି; କିନ୍ତୁ ସାଧାରଣତଃ ଗଛର ପତ୍ର ଓ ଛୋଟ ଶାଖା ଖାଇବାକୁ ଅଧିକ ପସନ୍ଦ କରନ୍ତି । ସେମାନଙ୍କର ଛୋଟ ଛୋଟ ବୁଦା ଓ ଲତାରେ ଚଢି ଖାଇବାର ଅଭ୍ୟାସ ଥାଏ ।

ଯେଉଁ ସୁଷମ ଖାଦ୍ୟ ଛେଳିମାନଙ୍କୁ ଦିଆଯାଇପାରିବ, ସେଗୁଡିକ ହେଲା- ମକା, ଜୁଆର, କୁଣ୍ଡା, ଗହମ ଚୋକଡ ଓ ବାଦାମ ପିଡିଆ । ଛେଳିମାନେ ଅଧିକ ଶୁଷ୍କ ଜାତୀୟ ଖାଦ୍ୟ ହଜମ କରିଥାନ୍ତି । ଗ୍ରାମ୍ୟ ପରିବେଶରେ ଏହି ଖାଦ୍ୟ ପ୍ରଧାନତଃ ଗଛର ପତ୍ରରୁ ସେମାନେ ପାଇଥାନ୍ତି । ଛେଳିମାନଙ୍କୁ ପତ୍ର ଖୁଆଇ ପାଳନ କରାଯାଇପାରିବ । ମାତ୍ର ଯେତେବେଳେ ପତ୍ରର ଅଭାବ ଦେଖାଯାଏ, ସେମାନଙ୍କୁ ସୁଷମ ଦାନା ଦେବାକୁ ପଡିବ । ଯେଉଁ ସୁଷମ ଦାନା ବଜାରରେ ମିଳୁଛି, ତାହାକୁ କିଣି ଖୁଆଯାଇ ପାରିବ ।

ଖଣ୍ଡ ଦାନାରେ ଧୂଳି କମ୍ ଥିବାରୁ ଖଣ୍ଡଦାନା ଛେଳିମାନଙ୍କୁ ଖୁଆଇଲେ ଶ୍ୱାସଜନିତ ରୋଗ ହୁଏ ନାହିଁ । ନିମ୍ନରେ ଛେଳିମାନଙ୍କ ପାଇଁ ଏକ ସୁଷମ ଖାଦ୍ୟ ଓ ଦୈନିକ ଖାଦ୍ୟ ନିର୍ଘଣ୍ଟ ଦିଆଗଲା –

## ସୁଷମ ଖାଦ୍ୟ

| | |
|---|---|
| ମକାଗୁଣ୍ଡ | ୫୦ ଭାଗ |
| ଗହମ ଚୋକଡ | ୩୦ ଭାଗ |
| ବାଦାମ ପିଡିଆ | ୧୦ ଭାଗ |
| ଗୁଡ | ୦୭ ଭାଗ |
| ଖଣିଜ ମିଶ୍ରଣ | ୦୨ ଭାଗ |
| ଲୁଣ | ୦୧ ଭାଗ |
| | ୧୦୦ ଭାଗ |

## ବର୍ଦ୍ଧିଷ୍ଣୁ ଓ ବଡ ଛେଳିଙ୍କ ଦୈନିକ ଖାଦ୍ୟ ନିର୍ଘଣ୍ଟ –

| ଶ୍ରେଣୀ/ବୟସ | ହାରାହାରି ଓଜନ (କିଲୋରେ) | ସୁଷମ ଦାନା (ଗ୍ରାମ୍‌ରେ) | ସବୁଜ ଘାସ/ପତ୍ର (କିଲୋରେ) |
|---|---|---|---|
| ବର୍ଦ୍ଧିଷ୍ଣୁ ଛେଳି | ୧୫ ରୁ ୨୦ | ୩୦୦ ରୁ ୪୦୦ | ୧–୨ |
| ବଡ ଛେଳି | ୨୫ ରୁ ୩୦ | ୨୦୦ ରୁ ୩୦୦ | ୨–୩ |
| ଗର୍ଭବତୀ ଛେଳି | ୨୫ ରୁ ୩୦ | ୨୦୦ ରୁ ୩୦୦+ | ୨–୩ |
| ୪-୫ ମାସ ଗର୍ଭାବସ୍ଥାରେ ଅଧିକ ୧୦୦ ରୁ ୨୦୦ ଗ୍ରାମ୍ ସୁଷମ ଦାନା | | | |
| ଦୁଧିଆଳୀଛେଳି | ୨୫ ରୁ ୩୦ | ୨୦୦–୩୦୦+ | ୨–୩ |
| ପ୍ରତି ୧ କିଲୋ ଦୁଗ୍ଧ ଉତ୍ପାଦନରେ ଅଧିକ ୪୦୦ ଗ୍ରାମ୍ ସୁଷମ ଦାନା | | | |

## ଛେଳି ଛୁଆଙ୍କ ପାଇଁ ଦୈନିକ ଖାଦ୍ୟ ନିର୍ଘଣ୍ଟ

| ବୟସ | ହାରାହାରି ଶାରିରୀକ ଓଜନ | ମା'ଠୁ କେତେ ପରିମାଣ ଦୁଗ୍ଧ ପିଇବେ (ମି.ଲି.ରେ) | ଛେଳିଛୁଆକୁ କେତେ ଖାଦ୍ୟ ଦିଆଯିବ (ଗ୍ରାମ୍‌ରେ) | କେତେ ପରିମାଣ ସବୁଜ ଘାସ/ପତ୍ର ଦିଆଯିବ (ଗ୍ରାମ୍‌ରେ) |
|---|---|---|---|---|
| ଜନ୍ମଠାରୁ ୫ ଦିନ | ୧.୫-୨ | କଷ କ୍ଷୀର ଯଥେଷ୍ଟ ପରିମାଣ | – | – |

୨୭ ଘଣ୍ଟା ବେଳକୁ ସଙ୍ଗମ କରାଇବା ଉଚିତ୍ । ଏମାନଙ୍କ ଗର୍ଭାବସ୍ଥା ୧୪୨ ରୁ ୧୫୨ ଦିନ ।


ଯେଉଁ ମେଣ୍ଢା ଛୁଆମାନେ ଗ୍ରୀଷ୍ମ କାଳରେ ଜନ୍ମ ହୁଅନ୍ତି, ସେମାନେ ଭଲଭାବରେ ବଢନ୍ତି ନାହିଁ । ଏହାର କାରଣ ହେଲା ଯେ ତାଙ୍କର ମା'ମାନେ ଗର୍ଭାବସ୍ଥାରେ ଓ ଛୁଆଙ୍କୁ କ୍ଷୀର ଦେବା ଅବସ୍ଥାରେ ଖରାଦିନ ହେତୁ ଭଲ ଚାରା ପାଇ ନଥାନ୍ତି ।

ମେଣ୍ଢୀର ପ୍ରସବ ଅବସ୍ଥା ନିକଟତର ହେଲେ, ସେ ତାର ଲାଞ୍ଜକୁ ହଲାଏ, ଗୋଠର ପଛକୁ ରହିଯାଏ ଏବଂ ବାରମ୍ବାର ଶୋଇପଡେ ଓ ଉଠିପଡେ ଏବଂ ଆଗ ଗୋଡରେ ଭୂଇଁକୁ ବିଦାରେ । ସାଧାରଣ ଭାବରେ ପ୍ରସବ ସମୟରେ କୌଣସି ସାହାଯ୍ୟର ଆବଶ୍ୟକତା ପଡେ ନାହିଁ । ଦୁର୍ବଳ ଛୁଆମାନଙ୍କୁ ତାଙ୍କ ମା'ର ଦୁଗ୍ଧ ପିଆଇବାକୁ ସାହାଯ୍ୟ କରିବା ଉଚିତ୍, କାରଣ ଏମାନଙ୍କୁ ଯେପରି ହେଉ କଷ କ୍ଷୀର ପିଆଇବା ଦରକାର । ଯେଉଁ ଛେଳି ଛୁଆମାନେ ଶୀତଦିନେ ଜନ୍ମ ହୋଇଛନ୍ତି, ସେମାନଙ୍କୁ ଶୀତ ଓ ସନ୍ତସନ୍ତିଆରୁ ରକ୍ଷା କରିବା ଉଚିତ୍ ।

## ମେଣ୍ଢାଙ୍କ ଗୁହାଳ –

ମେଣ୍ଢାଙ୍କ ପାଇଁ ବିସ୍ତୃତ ଗୁହାଳର ଆବଶ୍ୟକତା ନାହିଁ । ସେମାନଙ୍କୁ ଶୁଖିଲା ଜାଗାରେ ୧ ମିଟର ଉଚ୍ଚତାର ବାଡ ଦେଇ ରଖାଯାଇପାରିବ । ଗ୍ରୀଷ୍ମ କାଳରେ ସେମାନେ ଗୋଟିଏ ସରଳ ଆଶ୍ରୟ ସ୍ଥଳ ଦରକାର କରିଥାନ୍ତି । ଏପରିକି ସେମାନଙ୍କୁ ଗଛ ଛାଇରେ ରଖାଯାଇପାରିବ । ମେଣ୍ଢାମାନଙ୍କୁ ବାନ୍ଧି ରଖାଯିବା ଅନୁଚିତ, ଅର୍ଥାତ୍ ସେମାନଙ୍କୁ ଖୋଲା ଛାଡିଦେବା ଦରକାର । କିନ୍ତୁ ସେମାନଙ୍କୁ ଖରାପ ଜଳବାୟୁ ତଥା ହିଂସ୍ର ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା କରିବାର ବ୍ୟବସ୍ଥା କରିବା ଦରକାର । ଭାରତୀୟ ଷ୍ଟାଣ୍ଡାର୍ଡ ପ୍ରତିଷ୍ଠାନ ଅନୁସାରେ ଗୋଟିଏ ମେଣ୍ଢା ପାଇଁ ନିମ୍ନ ଲିଖିତ ସ୍ଥାନ ଦରକାର । ଛେଳିମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ।

### ୧୦ଟି ଛେଳି / ମେଣ୍ଢାଙ୍କ ପାଇଁ ଗୁହାଳ



## ଉପରୋକ୍ତ ସଂଖ୍ୟାଗୁଡିକୁ ଫୁଟ ବୋଲି ଧରିବାକୁ ହେବ

କ- ମାଈଛେଳି / ମେଣ୍ଢା ଖୁଆଡ

ଖ- ଗର୍ଭବତୀ ଛେଳି / ମେଣ୍ଢା ଖୁଆଡ

ଗ- ଦୁଇ ଖୁଆଡ ଭିତରେ ରାସ୍ତା

ଘ- ଗାରଡ / ବୋଦା ଖୁଆଡ

ଚ- ଛେଳି / ମେଣ୍ଢା ଛୁଆଙ୍କ ଖୁଆଡ

| କ୍ରମିକ ସଂଖ୍ୟା | ପ୍ରାଣୀର ପ୍ରକାର | ଏକା କିମ୍ବା ଗୋଠ | ପ୍ରତି ପ୍ରାଣୀ ପାଇଁ ସ୍ଥାନ (ବର୍ଗ ମି.ରେ) |
|---|---|---|---|
| ୧. | ଗାରଡ କିମ୍ବା ବୋଦା | ଗୋଠରେ | ୧.୮ |
| ୨. | ଗାରଡ କିମ୍ବା ବୋଦା | ଏକୁଟିଆ | ୩.୨ |
| ୩. | ଛେଳି କିମ୍ବା ମେଣ୍ଢା ଛୁଆ | ଗୋଠରେ | ୦.୪ |
| ୪. | ଦୁଗ୍ଧ ପିଉଥିବା ଛେଳି କିମ୍ବା ମେଣ୍ଢାଛୁଆ | ଗୋଠରେ | ୦.୮ |
| ୫. | ଦୁଗ୍ଧ ପିଉଥିବା ଛେଳି କିମ୍ବା ମେଣ୍ଢାଛୁଆ | ଏକୁଟିଆ | ୦.୯ |
| ୬. | ବର୍ଷିକିଆ ମେଣ୍ଢା କିମ୍ବା ଛେଳିଛୁଆ | ଗୋଠରେ | ୦.୯ |
| ୭. | ବର୍ଷିକିଆ ମେଣ୍ଢା କିମ୍ବା ଛେଳିଛୁଆ | ଏକୁଟିଆ | ୧.୦ |
| ୮. | ମାଈ ଛେଳି କିମ୍ବା ମେଣ୍ଢୀ | ଗୋଠରେ | ୧.୦ |
| ୯. | ମାଈ ଛେଳି କିମ୍ବା ମେଣ୍ଢୀ | ଏକୁଟିଆ | ୧.୨ |
| ୧୦. | ମାଈ ଛେଳି କିମ୍ବା ମେଣ୍ଢୀ ଛୁଆ ସହିତ | ଏକୁଟିଆ | ୧.୫ |

## ସାଧାରଣ ପରିପାଳନ –

ମେଣ୍ଢାମାନେ ସାଧାରଣତଃ ନିରୀହ ପ୍ରକୃତିର ହୋଇଥିବାରୁ ସେମାନଙ୍କୁ ଘାସ ପଡିଆରୁ ଘରକୁ ଓ ଘରୁ ପଡିଆକୁ ନେବା ଆଣିବା ପାଇଁ ଗୋଟିଏ ମେଣ୍ଢାକୁ ଶିକ୍ଷା ଦେଇ ସେମାନଙ୍କ ମୁଖିଆ କରିବାକୁ ପଡିବ ।

ମେଣ୍ଢାମାନଙ୍କୁ ସାଧାରଣତଃ ଗୋଠରେ ପାଳନ କରାଯାଇଥାଏ । ମେଣ୍ଢାମାନଙ୍କୁ ଅଲଗା ଅଲଗା ଏକୁଟିଆ ଭାବରେ ପାଳନ କଲେ ଅଧିକ ବ୍ୟୟସାପେକ୍ଷ ହୋଇଥାଏ ଓ

ସୁବିଧା ହୋଇ ନଥାଏ । ଗୋଠରେ ଅଧିକ ଚାପ କମ୍ କରିବାକୁ ହେଲେ, ସବୁ ମୁଖ୍ୟ ପରିପାଳନ ପଦ୍ଧତିକୁ (ଟିଙ୍କ, ଉକୁଣୀ ନିବାରଣ କରିବା, ଟିକା ଦେବା, ପଶମ କାଟିବା ଓ କୃମିନାଶନ କରିବା) ଉପଯୁକ୍ତ ଜଳବାୟୁ ଓ ଚାରଣ ଭୂମିରୁ ସୁବିଧା ଥିବା ସମୟରେ କରିବା ଉଚିତ । (ଏବଂ ବଜାର ଦର ଉପରେ ଲକ୍ଷ୍ୟ ରଖିବାକୁ ପଡିବ ।)

ପାଣିରେ ବୁଡାଇବା ପ୍ରଣାଳୀ (ଟିଙ୍କ ଓ ଉକୁଣୀ ନିବାରଣ କରିବା ପାଇଁ) ଅନ୍ତତଃ ବର୍ଷରେ ଦୁଇଥର କରିବା ଦରକାର; କାରଣ ଏହା ଫଳରେ ମେଣ୍ଢାଙ୍କ ଦେହରୁ ସଂପୂର୍ଣ୍ଣ ରୂପେ ଟିଙ୍କ ଓ ଉକୁଣୀଙ୍କୁ ବିନାଶ କରାଯାଇପାରିବ । ଗୋଠ ବଡ ଥିଲେ ବୁଡାଇବା କୁଣ୍ଡ, ୧ ମିଟର ଓସାର, ୩ ମିଟର ଲମ୍ବା ଓ ୧.୫ ମିଟର ଗଭୀରରେ କରାଯିବା ଉଚିତ୍ । ଉପଯୁକ୍ତ ଟିଙ୍କମରା ଔଷଧକୁ ମେଣ୍ଢାଙ୍କୁ ବୁଡାଇବା ପାଇଁ ବ୍ୟବହାର କରାଯିବା ଉଚିତ । ମେଣ୍ଢାମାନଙ୍କୁ ଗୋଟିଏ ପରେ ଗୋଟିଏ ଏହି ଔଷଧ ମିଶା ପାଣି କୁଣ୍ଡ ଭିତରକୁ ଗଭୀର ପଟରୁ ଛାଡନ୍ତୁ, ଯେପରି ସେମାନେ ପହଁରିବେ ଓ ଆରପଟରେ ଥିବା ପାହାଚ ଦେଇ ଉପରକୁ ଉଠିବେ । ଛୋଟ ଫାର୍ମ ବା ଗୋଠରେ ମେଣ୍ଢାମାନଙ୍କୁ ହାତରେ ଟେକିନେଇ ଔଷଧ ମିଶା ପାଣି କୁଣ୍ଡରେ ବୁଡାଇବାକୁ ପଡିଥାଏ ।

ବେଶୀ ଶୀତ କିମ୍ବା ଗରମ ପଡି ନଥିବା ସମୟରେ (ନାତିଶୀତୋଷ୍ଣ) ମେଣ୍ଢାଙ୍କ ଠାରୁ ପଶମ କାଟିବା ଉଚିତ୍ । ଭାରତରେ ସାଧାରଣତଃ ବର୍ଷା ଋତୁ ପରେ ଓ ଗ୍ରୀଷ୍ମ ଋତୁ ଆରମ୍ଭରୁ ପଶମ କଟାଯାଇଥାଏ । କେତେକ ସ୍ଥାନରେ ବର୍ଷରେ ଦୁଇଥର ପଶମ କଟାଯାଇଥାଏ । ଲୋମ କାଟିବା ପୂର୍ବରୁ ମେଣ୍ଢାମାନଙ୍କୁ ପାଣିରେ ଗାଧୋଇ ଦେବା ଉଚିତ କିମ୍ବା ପାଣିରେ ବୁଡାଇ ସଫା କରିଦେବା ଉଚିତ୍ । କିନ୍ତୁ କାଟିବା ପୂର୍ବରୁ ଭଲଭାବରେ ଲୋମ ଶୁଖିଯାଇଥିବା ଦରକାର । ଗୋଟିଏ ପରିଷ୍କାର ପରିଚ୍ଛନ୍ନ ସ୍ଥାନରେ ମେଣ୍ଢାଙ୍କର ଲୋମ କଟାଯିବା ଉଚିତ୍ । ଯେତେ ଦୂର ସମ୍ଭବ ପଶମର ରଙ୍ଗ ଓ ଗୁଣ ଅନୁସାରେ ଏହାକୁ ଅଲଗା ଅଲଗା ରଖାଯିବା ଉଚିତ୍ । ଲୋମକଟା କଇଁଚିରେ ଲୋମ କଟାଯାଇଥାଏ । ସମ୍ଭବ ହେଲେ, ବିଦ୍ୟୁତ ଚାଳିତ କଟାଯନ୍ତ୍ରରେ ଲୋମ କାଟନ୍ତୁ । ଏହାଦ୍ୱାରା କାଟିଲେ ଶୀଘ୍ର କଟାଯାଇଥାଏ ଏବଂ ପରିଷ୍କାର ପଶମ ମିଳିଥାଏ ।

**ମନେରଖନ୍ତୁ** – ମେଣ୍ଢାମାନଙ୍କୁ ମାଂସ ପାଇଁ କଂସେଇଖାନାକୁ ଚଲାଇ ଚଲାଇ ନେବା ଦ୍ୱାରା କିମ୍ବା ବିକ୍ରି କରିବା ପାଇଁ ବଜାରକୁ ଚଲାଇ ଚଲାଇ ନେବା ଦ୍ୱାରା ଜଳ ଅଭାବରୁ ସେମାନଙ୍କର ଶରୀର ଓଜନର ୧୫ ରୁ ୨୦ ପ୍ରତିଶତ ଓଜନ କମିଯାଇଥାଏ । ତେଣୁ ଓଜନ ନ କମିବା ପାଇଁ ସେମାନଙ୍କୁ ମଝିରେ ମଝିରେ ନିର୍ମଳ ପାଣି ପିଇବାକୁ ଦେବା ଓ ସକାଳେ ଏବଂ ସନ୍ଧ୍ୟାରେ କେବଳ ଚଲାଇ ଚଲାଇ ନେବା ଉଚିତ୍ ।

# ମେଣ୍ଢାମାନଙ୍କର ରୋଗ

ଯେକୌଣସି ପଶୁ ଭଳି ମେଣ୍ଢାମାନଙ୍କୁ ବିଭିନ୍ନ ରୋଗ ହୁଏ । ମାତ୍ର ଯେଉଁରୋଗ ବରାବର ପଲ ଭିତରେ ବଞ୍ଚିରହିଛି ଓ ମେଷପାଳକ ଯାହା ପାଇଁ ବରାବର କ୍ଷତି ସହୁଛି, ସେଭଳି ରୋଗ ବିଷୟରେ ବୁଝିଶୁଝି ତାର ନିରାକରଣ ପାଇଁ ଚେଷ୍ଟା କରିବା ଉଚିତ୍ । ଏଭଳି ରୋଗ ଭିତରେ କୃମିରୋଗ ହେଉଛି ପ୍ରଧାନ ।

**କୃମିରୋଗ** - ମେଣ୍ଢାଛୁଆଟିଏ ଜନ୍ମ ହେବାର ମାସକ ଭିତରେ ତା ପେଟ ଭିତରେ କୃମି ଆଶ୍ରୟ ନିଅନ୍ତି । ଏକଥା ମେଣ୍ଢାଛୁଆ କି ତାର ପାଳନକର୍ତ୍ତା କେହି ଜାଣନ୍ତିନାହିଁ । ଥରେ କୃମି ଦେହ ଭିତରକୁ ଆସିଲେ ତାପରେ ସେମାନଙ୍କ ବଂଶବୃଦ୍ଧି ହୁଏ । ଖୁବ୍ ଅଳ୍ପ ସମୟ ଭିତରେ ସେମାନେ ଏତେ ମାଡିଯାଆନ୍ତି ଯେ, ମେଣ୍ଢାଛୁଆର ସବୁତକ ରକ୍ତ ଶୋଷି ନେଇ ତାକୁ ଦୁର୍ବଳ କରିଦିଅନ୍ତି । ଏତିକିବେଳେ ପାଳନକର୍ତ୍ତା ବୁଝିପାରେ ଯେ, ମେଣ୍ଢାଛୁଆଟି ରୋଗାକ୍ରାନ୍ତ ହୋଇଛି । ଚିକିତ୍ସା ଆରମ୍ଭ କରିବା ପୂର୍ବରୁ କେତେ ଛୁଆ ମରିଯାଆନ୍ତି ତ ଆଉ କେତେ ବଞ୍ଚି ରହି ଭଲ ଭାବରେ ଉଧେଇ ପାରନ୍ତି ନାହିଁ । ଦୁର୍ବଳ ଦେହରେ ଜୀବନୀ ଶକ୍ତିର ଅଭାବ ଯୋଗୁଁ ନାନା ରକମ ରୋଗ ଆକ୍ରମଣ କରେ ଓ ପାଳନକର୍ତ୍ତାର ଆର୍ଥିକ କ୍ଷତି ହୁଏ । ନାନା ରକମର କୃମି ବା ପରାଙ୍ଗପୁଷ୍ଟ ଜୀବମାନେ ମେଷପାଳନ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରନ୍ତି । ଏଇ ଜୀବମାନଙ୍କ ଭିତରେ ପୋକ ମାଛି, ଏକକୋଷି କୃମି, କ୍ଷୁଦ୍ର ରକ୍ତଶୋଷକ, ପରାଙ୍ଗପୁଷ୍ଟ କୃମି, ଫିତାକୃମି ଓ କଲିଜାକୃମି ଆଦି ପ୍ରଧାନ ।

**ପୋକମାଛି** – ଯେଉଁସବୁ ପୋକମାଛି ମେଣ୍ଢାମାନଙ୍କର କ୍ଷତି କରନ୍ତି ସେଗୁଡିକ ଭିତରେ ଡାଆଁଶ, ନାକମାଛି (Nasal botfly) ମଶା, ଉକୁଣୀ, ଟିଙ୍କ ଆଦି ପ୍ରଧାନ । ମଶା, ମାଛି, ଡାଆଁଶ ଆଦି ମେଣ୍ଢାମାନଙ୍କୁ ବେଶି ହଇରାଣ କରିପାରନ୍ତି ନାହିଁ । କାରଣ ମେଣ୍ଢାମାନଙ୍କ ଦେହରେ ବହଳ ଲୋମ ଥିବାଯୋଗୁଁ ମଶାମାଛି ସେମାନଙ୍କ ପକ୍ଷରେ ସେମାନଙ୍କର ଚମ କଣାକରି ରକ୍ତ ଶୋଷିବା ସହଜ ହୁଏ ନାହିଁ । ତଥାପି ଏମାନଙ୍କଠାରୁ ରକ୍ଷା ପାଇବାଲାଗି ଗୁହାଳେ ଧୂଆଁ ଦେବାକୁ ପଡେ । ଏହାଛଡା ମଶାତେଲ ବା ସାୟୋଡ୍ରିନ୍ କିମ୍ବା ଭାପୋନା ଆଦିରୁ ଶତକଡା ୨ ଭାଗ ପାଣିରେ ଫେଣ୍ଟି ମେଣ୍ଢାମାନଙ୍କ ଉପରେ ସ୍ପ୍ରେ କରିଦେଲେ ମାଛି, ମଶା ଆଦି ମେଣ୍ଢା ଦେହରେ ବସିପାରନ୍ତି ନାହିଁ ।

**ଟିଙ୍କ ବା ଉକୁଣୀ** – ଟିଙ୍କମାନେ ଲମ୍ବ ଲମ୍ବ ରୁମରେ ଅଣ୍ଡା ଦିଅନ୍ତି ଓ ସେ

ଅଣ୍ଡାରୁ ନୂଆ ଟିକ ବାହାରି ମେଣ୍ଢା ଦେହସାରା ମାଡିଯାଆନ୍ତି । ଗୁହାଳର କାଛ, କାଠ ବାଉଁଶ ଓ ଚାଳରେ ମଧ୍ୟ ଟିକମାନେ ଆଶ୍ରୟ ନିଅନ୍ତି । ରାତ୍ରିର ଅନ୍ଧାରରେ ଧୀରେ ଧୀରେ ଓହ୍ଲାଇ ଗୋରୁଗାଇ ମେଣ୍ଢା ଛେଳି ଆଦିଙ୍କର ରକ୍ତ ଶୋଷନ୍ତି ।

ସେହିଭଳି ଉକୁଣୀମାନେ ଗହଳରୁମ ଭିତରେ ଆଶ୍ରୟ ନେଇ ମେଣ୍ଢାମାନଙ୍କ ଚମ କଣାକରି ରକ୍ତ ଶୋଷନ୍ତି । ଟିକ ବା ଉକୁଣୀ ହେବାର ଜାଣିଲେ ମେଣ୍ଢା ଦେହରୁ ରୁମ ଗୁଡିକ କାଟିଦେବା ଉଚିତ୍ ଓ ଗାମାକ୍ସିନ୍ ବା ଡିଡିଟି ପାଣିରେ ଗୋଳି ମେଣ୍ଢା ଦେହରେ ଲଗାଇ ୧୫/୨୦ ମିନିଟ୍ ପରେ ଧୋଇ ସଫା କରିଦେବା ଉଚିତ୍ । ଗୁହାଳର କାନ୍ଥ ବା ଚାଳରୁ ଏଇ କୀଟମାନଙ୍କୁ ନିପାତ କରିବା ପାଇଁ ଡିଡିଟି, ମାଲାଥିଅନ୍ ବା ଫଲିଡଲ ପରି କୀଟନାଶକ ଔଷଧ ପାଣିରେ ଗୋଳି ସ୍ପ୍ରେ କରିଦେବା ଭଲ ।

**ଯାଦୁ କାଛୁ** – ମେଣ୍ଢାମାନଙ୍କ ଦେହରେ ଯାଦୁ ବା କାଛୁ ହେଲେ ଅତି ମାରାତ୍ମକ ହୋଇଯାଏ । ରୁମସବୁ ଖସିପଡେ ଓ ଯାଦୁ ବା କାଛୁ ଫୁଲି ତହିଁରୁ ଲସା ଦିଏ । ଗୋଟିଏ ମେଣ୍ଢାକୁ ଏ ରୋଗ ହେଲେ ପଲ ଭିତରେ ଶୀଘ୍ର ମାଡିଯାଏ । ତେଣୁ କୌଣସି ମେଣ୍ଢା ଦେହରେ ଯାଦୁ ବା କାଛୁ ଦେଖିଲେ କାଳବିଳମ୍ବ ନ କରି ଚିକିତ୍ସା କରିବା ଦରକାର । ତା ନହେଲେ ଘରର ଅନ୍ୟ ମେଣ୍ଢାମାନେ ରୋଗାକ୍ରାନ୍ତ ହେବେ । ସଲ୍‌ଫର ବା ଗନ୍ଧକ ମଲମ, ସାଲିସିଲିକ୍, କ୍ରାଇସୋଫାନିକ ଓ ବେଞ୍ଜୋଇକ୍ ଏସିଡ୍ ମିଶାଇ ମଲମ ତିଆରି କରି ଲଗାଯାଏ ।

## ଏକକୋଷୀ କୃମି ରୋଗ

**କକ୍‌ସିଡିଆ** – ରୋଗୀ ମେଣ୍ଢାମାନଙ୍କ ଦ୍ୱାରା ଦୂଷିତ ଖାଦ୍ୟ ଓ ଜଳ ବ୍ୟବହାର କରି ସୁସ୍ଥ ମେଣ୍ଢାମାନେ ଏହି କୃମିଦ୍ୱାରା ଆକ୍ରାନ୍ତ ହୁଅନ୍ତି । ଗୋଚର ଦଣ୍ଡା ପଡିଆମାନଙ୍କରେ ରୋଗୀ ମେଣ୍ଢାମାନେ ଚରିଲାବେଳେ ଝାଡା ଫେରିବା ଦ୍ୱାରା ସେଇ ଝାଡାରେ ରକ୍ତ କ୍ଷୟହେବା ଯୋଗୁଁ ଦୁର୍ବଳତା, ଖାଦ୍ୟପ୍ରତି ବିତୃଷ୍ଣା, ଶୀଘ୍ର ଶ୍ୱାସ ପ୍ରଶ୍ୱାସ ନେବା ଓ ମନମାରି ପଡି ରହିବା ଦେଖାଯାଏ । ଦେହର ରୋଗ ନିରାକରଣ ଶକ୍ତି କମିଯିବା ହେତୁ ନିମୋନିଆଁ ଆଦି ବିଭିନ୍ନ ରୋଗ ସହଜରେ ମେଣ୍ଢାଛୁଆକୁ ଆକ୍ରମଣ କରିପାରେ । ଅଧିକାଂଶ ଛୁଆ ମରିଯାଆନ୍ତି । ତେଣୁ ମେଣ୍ଢା ବା ଛୁଆମାନଙ୍କର ରକ୍ତଝାଡା, ପତଳା ଝାଡା ବା ନାଳରକ୍ତ ଝାଡା ହେଲେ ସାଙ୍ଗେ ସାଙ୍ଗେ ଝାଡା ପରୀକ୍ଷା କରାଇ ଔଷଧ ବ୍ୟବସ୍ଥା କରିବା ଉଚିତ ।

**ଟକ୍‌ସୋପ୍ଲାଜ୍‌ମା ରୋଗ** – ଏହି ଏକକୋଷି କୃମି ଯୋଗୁଁ

ମେଣ୍ଢାମାନଙ୍କର ଗର୍ଭପାତ ରୋଗ ବଢେ ଓ ଗୋଟିଏ ମାଈମେଣ୍ଢାର ବାରମ୍ବାର ଗର୍ଭ ନଷ୍ଟ ହେବାର ଦେଖାଯାଏ ତେବେ ଏହି ରୋଗ ହେବାର ସନ୍ଦେହ କରାଯାଏ । ଗର୍ଭପାତ ବେଳେ ମୃତ ଶିଶୁ ବା ଫୁଲକୁ ଡାକ୍ତରଖାନାକୁ ନେଇ ପରୀକ୍ଷା କଲେ ତହିଁରୁ ଏହି କୃମିର ଉପସ୍ଥିତି ଠିକଣା କରି ଔଷଧ ବ୍ୟବସ୍ଥା କରାଯାଇପାରେ । ରୋଗିଣୀ ସଂସ୍ପର୍ଶରେ ଆସିଥିବା ବୋଦା ବା ଗାରଡ ଦ୍ୱାରା ଏଭଳି ରୋଗ ସୁସ୍ଥ ମେଣ୍ଢାମାନଙ୍କ ଦେହକୁ ଯାଏ । ଥରେ ଏ ରୋଗ ପଲରେ ଦେଖାଦେଲେ ଏହି ପଲରେ ଥିବା ଗାରଡ ବା ବୋଦାକୁ ମାରିଦେବା କିମ୍ବା ବିକ୍ରି କରିବା ଉଚିତ୍ । ମାଈ ମେଣ୍ଢାଙ୍କୁ ଚିକିତ୍ସା କରିବା ଉଚିତ୍ ।

**ଲାଲ୍ ପରିସ୍ରା** – ବେଳେ ବେଳେ ମେଣ୍ଢାମାନଙ୍କର ନାଲି ନାଲି ପରିସ୍ରା ହେବାର ଦେଖାଯାଏ । ଏହା ଏକ ରକ୍ତ କୃମି ଜନିତ ରୋଗ । ଏହି କୃମିମାନେ ରୋଗୀ ପଶୁଠାରୁ ଟିକ୍‌ମାନଙ୍କ ଦ୍ୱାରା ଅନ୍ୟ ସୁସ୍ଥସବଳ ପଶୁମାନଙ୍କ ଦେହକୁ ସଂକ୍ରମିତ ହୁଅନ୍ତି । ଏହି କୃମିର ନାମ ବାବେସିଆ ଓଭିସ୍ । ନାଲି ରଙ୍ଗର ପରିସ୍ରା ଦେଖିଲେ ନିକଟସ୍ଥ ପଶୁ ଚିକିତ୍ସକଙ୍କୁ ତତ୍କ୍ଷଣାତ୍ ଖବର ଦେଇ ମେଣ୍ଢାର ରକ୍ତପରୀକ୍ଷା କରାଇ ଚିକିତ୍ସା କରିବା ଉଚିତ୍ ।

**ଷ୍ଟ୍ରଙ୍ଗିଲଏଡିଓସିସ୍** – ଏହି କୃମିମାନେ ମେଣ୍ଢାମାନଙ୍କର ଶ୍ୱାସ ନଳୀ ଦେଇ ଖାଦ୍ୟନଳୀକୁ ଯାଆନ୍ତି ଓ କ୍ଷୁଦ୍ରଅନ୍ତ୍ରରେ ରହି ରକ୍ତ ଶୋଷନ୍ତି । କ୍ଷୁଦ୍ରଅନ୍ତ୍ରରୁ ସେମାନଙ୍କର ଅଣ୍ଡା ଝାଡାବାଟେ ବାହାରକୁ ଯାଇ ତହିଁରୁ ଲାର୍ଭାଫୁଟି ସେଗୁଡିକ ମେଣ୍ଢାର ଚମରେ ଲାଗିଲେ ଚମକଣା କରି ରକ୍ତରେ ମିଶି ଫୁସ୍‌ଫୁସ୍‌ରୁ ଶ୍ୱାସନଳୀ ଦେଇ ପୁଣି ଅନ୍ତ ନଳୀକୁ ଯାଇ ରକ୍ତ ଶୋଷଣ କରନ୍ତି । ଏହି କୃମିର ଲାର୍ଭା ମେଣ୍ଢା ଚମରେ ଲାଗିବାର ୩/୪ ଦିନ ଭିତରେ ପାକସ୍ଥଳୀରେ ଯାଇ ପହଞ୍ଚିଯାଏ ଓ କ୍ଷୁଦ୍ରଅନ୍ତ୍ରରେ ଲାଗିରହି ରକ୍ତ ଶୋଷେ ।

**ହିମୋଙ୍କସିସ୍** – ହିମୋଙ୍କସ୍ କଣ୍ଟୋର୍ଟସ୍ ଜାତିର ଆଙ୍କୁଶ କୃମି ମେଣ୍ଢାର ପାକସ୍ଥଳୀରେ ରହି ରକ୍ତ ଶୋଷଣ କରେ । ଏହି କୃମିଦ୍ୱାରା ରକ୍ତହୀନତା ଓ କୋଷ୍ଠ କାଠିଣ୍ୟ ରୋଗ ହୁଏ । ବୟସ ବଢିବା ସଂଗେ ସଂଗେ ମେଣ୍ଢାମାନଙ୍କର ଏ ଜାତିର କୃମିଙ୍କ ଉପଦ୍ରବ ସହିବା ପାଇଁ ଶକ୍ତି ବଢିଥାଏ । ତେଣୁ ଦୁଇ ତିନିମାସର ମେଣ୍ଢାଛୁଆଙ୍କୁ ଏହି କୃମି ଯେତେ କ୍ଷତିକାରକ, ୧୦/୧୨ ମାସ ଛୁଆଙ୍କୁ ସେତେ କ୍ଷତି କରିପାରେ ନାହିଁ । ଏହି ଜାତିର କୃମିମାନେ ଦୀର୍ଘଦିନ ଧରି ମେଣ୍ଢା ଦେହରେ ଉପସ୍ଥିତ ରହିଲେ ହୃତ୍‌ପିଣ୍ଡ ଓ ମୁଣ୍ଡର ସ୍ନାୟୁବହୁଳ ଅଂଶରେ ଯାଇ ରୋଗ ସୃଷ୍ଟି କରନ୍ତି । ସ୍କଟ୍‌ଲାଣ୍ଡର ନିଦାନ ବିଭାଗୀୟ ପଶୁବିଜ୍ଞାନୀମାନେ ହିମୋଙ୍କସ୍ କୃମି ଯୋଗୁଁ ମେଣ୍ଢାମାନଙ୍କର ଏନ୍‌ସେଫାଲୋ ମାଲାସିଆ ରୋଗ ହେବାର ଦେଖିଛନ୍ତି । ତେଣୁ ୩/୪ ମାସିଆ ଛୁଆମାନଙ୍କର ଝାଡା ପରୀକ୍ଷା କରି

କୃମି ନିବାରଣ ଔଷଧ ଦେବା ଉଚିତ । ଏହାପରେ ପ୍ରତି ତିନିମାସରେ ଝାଡା ପରୀକ୍ଷା କରାଇ ଆବଶ୍ୟକ ସ୍ଥଳେ ଚିକିତ୍ସା କରିବା ଭଲ ।

**ବୁନୋଷ୍ଟୋମୋସିସ୍** – ଏ ଜାତିର କୃମି ମେଣ୍ଢାମାନଙ୍କ ପାକସ୍ଥଳୀ କ୍ଷୁଦ୍ରାନ୍ତ୍ରରେ ରହନ୍ତି । ଷ୍ଟଙ୍ଗିଲଏଡିସ୍, ହସମୋଙ୍କସ ବା କୁପେରିଆ ଜାତିର କୃମିମାନଙ୍କ ପରି ଏମାନେ କ୍ଷୁଦ୍ର ରକ୍ତ ଶୋଷଣକାରୀ କୃମି ।

**ଫିତାକୃମି** – ଏ ଜାତିର କୃମିମାନେ ସାଧାରଣତଃ ସୁସ୍ଥସବଳ ମେଣ୍ଢାମାନଙ୍କର ସେଭଳି କ୍ଷତି କରିପାରନ୍ତି ନାହିଁ । ମାତ୍ର ମେଣ୍ଢାଛୁଆ ଓ ଦୁର୍ବଳ ମେଣ୍ଢାମାନଙ୍କର ଫିତାକୃମି ଯୋଗୁଁ ରକ୍ତହୀନତା, ଖାଦ୍ୟ ହଜମରେ ଅସୁବିଧା ତଥା ଦେହ ବୃଦ୍ଧିରେ ବାଧା ସୃଷ୍ଟି ହୁଏ ।

**କଲିଜା କୃମି** – ପାଣିଜାଗାମାନଙ୍କରେ ବଢୁଥିବା ଘାସ ପତ୍ରରେ କଲିଜା କୃମିର ଲାର୍ଭା ସବୁ ଲାଖି ରହିଥାଆନ୍ତି । ଜଳାଶୟ କଡେ କଡେ ବୁଲି ପାଣିଧାରରୁ ଘାସ ଛିଡାଇ ଖାଇବାବେଳେ ଘାସପତ୍ର ସହିତ ମିଶି କଲିଜାକୃମିର ଲାର୍ଭା ମେଣ୍ଢା ପେଟକୁ ଯାଏ । ପେଟ ଭିତରୁ ଏହି ଲାର୍ଭା ରକ୍ତସ୍ରୋତରେ ମିଶି କଲିଜାକୁ ଚାଲିଯାଆନ୍ତି । ସେଠାରେ ରହି ବଢି ଅଣ୍ଡା ଦିଅନ୍ତି । ସେ ସବୁ ଅଣ୍ଡା ପୁଣି ଥରେ ମେଣ୍ଢାପେଟରୁ ବାହାରି ପଡିଆରେ ପଡେ ଓ ବର୍ଷା ଜଳରେ ଧୋଇ ହୋଇ ପୋଖରୀ ବା ଜଳାଶୟକୁ ଯାଏ । ଜଳରେ ଲାର୍ଭା ନିର୍ଗତ ହୋଇ ସୁସ୍ଥ ମେଣ୍ଢାମାନଙ୍କୁ ଆକ୍ରମଣ କରିବାକୁ ପୁଣିଥରେ ଘାସପତ୍ରରେ ଲାଖିରହେ । ଏହି କୃମି ଆକ୍ରମଣ କଲେ ମେଣ୍ଢାମାନଙ୍କର ରକ୍ତହୀନତା ଓ ସ୍ନାୟବିକ ତଥା ଶାରୀରିକ ଦୁର୍ବଳତା ବୃଦ୍ଧିପାଏ ।

**କୃମି କେଉଁଠୁ ଆସନ୍ତି** – ଗୋବର, ଦଣ୍ଡା, ପଡିଆରେ ପଲକୁ ପଲ ମେଣ୍ଢା, ଛେଳି, ଗାଈଗୋରୁ ଚରିବା ସମୟରେ ରୋଗୀ ମେଣ୍ଢାମାନଙ୍କ ଝାଡାବାଟେ କୃମି ଅଣ୍ଡା ସବୁ ପଦାକୁ ଆସି ଘାସପତ୍ରରେ ଲାଖି ରହନ୍ତି । ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଏ ସବୁ ଅଣ୍ଡା ଫାଟି ଟର୍ହିରୁ ଲାର୍ଭା ବାହାରନ୍ତି । ସେସବୁ ଲାର୍ଭା ସୁସ୍ଥ ମେଣ୍ଢା ପେଟକୁ ଯାଇ କୃମିରେ ପରିଣତ ହୁଏ । ତେବେ କୃମିମାନଙ୍କର ଜାତିଭେଦ ନେଇ ସେମାନଙ୍କର ଜୀବନବୃତ୍ତାନ୍ତ ଭିନ୍ନ ଭିନ୍ନ ହୋଇଥାଏ । ଗବେଷକମାନେ ଅନୁସନ୍ଧାନ କରି ଦେଖିଛନ୍ତି ଯେ, ବର୍ଷର ବିଭିନ୍ନ ସମୟରେ ଗୋଚର ଭୂଇଁରେ କୃମିମାନଙ୍କର ସଂଖ୍ୟା କମ୍‌ବେଶୀ ହୋଇଥାଏ । ବର୍ଷା ଋତୁରେ ଗୋଚର ଦଣ୍ଡା ବା ପଡିଆରେ ଲାଲ୍ କୃମି, ଅଙ୍କୁଶ କୃମି ବା କ୍ଷୁଦ୍ରରକ୍ତ ଶୋଷକ କୃମିମାନେ ଭରି ରହିଥାନ୍ତି । ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପଶୁ ଆକ୍ରମଣକାରୀ ଲାର୍ଭା ସଂଖ୍ୟା ଗୋଚରମାନଙ୍କରେ ସବୁଠାରୁ ଅଧିକ ହୁଏ । ଶୀତଦିନେ ଥଣ୍ଡା ପଡିଲେ ପଡିଆ ବିଲରୁ କୃମି ସଂଖ୍ୟା କମିଯାଏ । ପୁଣି

ମାର୍ଚ୍ଚମାସରେ ଶୀତ କମିଲେ ସେମାନଙ୍କ ସଂଖ୍ୟା ବଢିଯାଏ । ଏପ୍ରିଲ୍ ଠାରୁ ଜୁନ୍ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ହେବାଫଳରେ ଏସବୁ କୃମି ଲାର୍ଭା ମରିଯାଆନ୍ତି ଓ ପଡିଆ ବିଲରେ ଗାଈଗୋରୁ ଚରିବା କ୍ଷତିକାରକ ହୁଏ ନାହିଁ । ତେଣୁ ସବୁ ବୁଝି ମେଣ୍ଢାମାନଙ୍କର ବୟସ ତଥା ଋତୁ ପରିବର୍ତ୍ତନ ସମୟରେ କୃମିନାଶକ ଔଷଧ ଦେଇପାରିଲେ ସେମାନଙ୍କୁ କୃମି ଦାଉରୁ ରକ୍ଷା କରାଯାଇପାରିବ ।

## କୃମିନାଶକ ଔଷଧ ଦେବାର ସମୟ

୧) ଜନ୍ମ ହେବାର ତିନି ଚାରିମାସ ପରେ ।

୨) ବର୍ଷାଦିନ ଶେଷରେ ସାନ ବଡ ସବୁ ମେଣ୍ଢାଙ୍କୁ ଆଶ୍ୱିନ ମାସ ଶୁକ୍ଳ ପକ୍ଷରେ କୃମି ଔଷଧ ଦେବା ଭଲ ।

୩) ଶୀତଋତୁ ଶେଷରେ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷରେ ପୁଣି ଥରେ କୃମିନାଶକ ଔଷଧ ଦେଇ ମେଣ୍ଢାମାନଙ୍କ ଦେହରୁ କୃମି ନିପାତ କରିଦେବା ଉଚିତ । ତାହାହେଲେ ଖରା ଓ ବର୍ଷାଦିନ ସାରା ମେଣ୍ଢାମାନେ ଭଲ ବଢିପାରିବେ ।

**ରୋଗ ଜୀବାଣୁ** – ଧନୁଷ୍ଟଙ୍କାର, ବୃକ୍କ ଫୁଲା, କାମଳ ରୋଗ ନିବାରଣ ଲାଗି ଏହି ଔଷଧ ଗର୍ଭବତୀ ମେଣ୍ଢାମାନଙ୍କୁ ନିର୍ବିଘ୍ନରେ ଦିଆଯାଇପାରେ ଓ ଛୁଆ ଜନ୍ମହେବାବେଳକୁ ମାଆଠାରୁ ରୋଗ ନିରାକରଣ ଶକ୍ତି ଆହରଣ କରିଥାଆନ୍ତି । ତେଣୁ ଏହି ଔଷଧ ମେଣ୍ଢା ଓ ମେଣ୍ଢାଛୁଆମାନଙ୍କୁ ଦେଇପାରିଲେ ଲକ୍ଷ ଲକ୍ଷ ମେଣ୍ଢାଛୁଆଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା କରାଯାଇପାରିବ ।

# ଜୀବାଣୁ ଜନିତ ରୋଗ

**ଏଣ୍ଟେରୋଟକସିମିଆଁ** – ରୋଗ ଜୀବାଣୁ ଦ୍ୱାରା ମେଣ୍ଢାମାନଙ୍କର ଅନେକ ରୋଗ ସୃଷ୍ଟି ହୁଏ । ତନ୍ମଧ୍ୟରୁ ଏଣ୍ଟେରୋଟକ୍‌ସିମିଆଁ ବା 'ଆନ୍ତ୍ରିକବିଷ' ଏକ ମାରାତ୍ମକ ରୋଗ । କଅଁଳ ଛନଛନିଆଁ ନାଲିଘାସ ଖାଇ ବେଳେ ବେଳେ ଦୁର୍ବଳିଆ ମେଣ୍ଢା ସବୁ ଘରକୁ ଫେରିଆସି ବାଡେଇପିଟି ହୋଇ ମରିଯାଆନ୍ତି । ଡାକ୍ତରଖାନାକୁ ଯାଇ ଔଷଧ ଆଣି ଖୁଆଇବାକୁ ବେଳ ମିଳେନାହିଁ । ଏସବୁ ହେବା ପୂର୍ବରୁ ମେଣ୍ଢାପାଟିରୁ ଲାଳ ବହେ, ଦାନ୍ତ କଡମଡ ହୁଏ, ଦାନ୍ତଗୁଡିକ ଜାବ ପଡିଯାଏ,. ଗୋଡସବୁ ଟାଙ୍କି ହୋଇଯାଏ । ମେଷପାଳକମାନେ ଅନେକ ମେଣ୍ଢା ହରାଇ କ୍ଷତିଗ୍ରସ୍ତ ହୁଅନ୍ତି । ଏହା କେବଳ 'କ୍ଲଷ୍ଟ୍ରିଡିୟମ୍ ୱେଲ୍‌ଚି' ନାମକ ଜୀବାଣୁ ଯୋଗୁଁ ଘଟିଥାଏ ।

ଏଇ ଜୀବାଣୁ ବାହାରୁ ଆସି ରୋଗ ସୃଷ୍ଟି କରନ୍ତି ନାହିଁ । ମେଣ୍ଢାର ବୃହଦନ୍ତ୍ରରେ ଏସବୁ ଜୀବାଣୁ ରହିଥାନ୍ତି, ମାତ୍ର ହଠାତ୍ ପାଗ ପରିବର୍ତ୍ତନ, ଖାଦ୍ୟର ପରିବର୍ତ୍ତନ,

# ଛେଳିଙ୍କ ପରିପାଳନ ଓ ଗୁହାଳ

ଛେଳି ଏପରି ଏକ ପ୍ରାଣୀ, ଯିଏ କି ଯେକୌଣସି ଜଳବାୟୁ ସହ ଖାପ ଖୁଆଇ ପାରିବେ । ଛେଳିମାନଙ୍କୁ କେବଳ ଦୁଗ୍ଧ କିମ୍ବା ଉଭୟ ମାଂସ ଓ ଦୁଗ୍ଧ ପାଇଁ ପାଳନ କରାଯାଇଥାଏ । ଯେଉଁ ଘାସ ଅନ୍ୟ ପ୍ରାଣୀମାନଙ୍କୁ ରୁଚିକର ନ ହୋଇପାରେ, ସେହି ପ୍ରକାର ଘାସ ଛେଳିମାନେ ଖାଇ ବଞ୍ଚିପାରନ୍ତି । ମହିଳାମାନେ ସହଜରେ ଛେଳିପାଳନ କରିପାରିବେ ଓ ଏମାନଙ୍କୁ ରଖିବା ପାଇଁ ବେଶୀ ସ୍ଥାନ ଦରକାର ହୁଏ ନାହିଁ ।

ପ୍ରତିବର୍ଷ ଛେଳି ସଂଖ୍ୟାର ଏକ ଚତୁର୍ଥାଂଶକୁ ବଧ କରାଯାଉଥିଲେ ମଧ୍ୟ, ସେମାନଙ୍କର ଜନ୍ମହାର ଭାରତରେ ସବୁ ପ୍ରାଣୀଙ୍କ ଅପେକ୍ଷା ଅଧିକ । ବର୍ତ୍ତମାନ ସେମାନଙ୍କର ସଂଖ୍ୟା ୧୧୦ ଲକ୍ଷରୁ ଅଧିକ, ଯାହାକି ଗୋରୁଗାଈଙ୍କ ସଂଖ୍ୟାର ଠିକ୍ ତଳକୁ । ଆହୁରି ଗୋଟିଏ ବଡ କଥା ହେଉଛି ଯେ ଏମାନଙ୍କୁ ଦେଶର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ପାଳନ କରାଯାଇଥାଏ ।

## ଦୁଧିଆଳୀ ଛେଳି ବାଛିବା :

ଛେଳି କିଣିବା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଜାତି ପ୍ରତି ଦୃଷ୍ଟି ଦେବା ଦରକାର । ସ୍ୱାସ୍ଥ୍ୟ ଶବ୍ଦର ଅର୍ଥ ହେଲା ଯେ ଛେଳିଟି ହୃଷ୍ଟପୁଷ୍ଟ ହୋଇଥିବ, ଶରୀର ଭିତରେ ବା ବାହାରେ କୌଣସି କୃମି ରୋଗ ବା ଟିଙ୍କ ଉକୁଣୀ ନଥିବେ କିମ୍ବା ଦେହର କୌଣସିଠାରେ କ୍ଷତ ହୋଇ ନଥିବ କିମ୍ବା କୌଣସିଠାରୁ କିଛି ଲାଳ ବା ଲେଞ୍ଜରା ବୋହୁ ନଥିବ । ଜାତିର ଅର୍ଥ ହେଲା ଯେ ଦୁଧିଆଳୀ ଛେଳିର ସମସ୍ତ ଲକ୍ଷଣ ତା ଦେହରେ ଥିବ । ଦୁଧିଆଳୀ ଛେଳିର ଶରୀର ଲମ୍ବା, ଗହିରିଆ ଓ ତିନିକୋଣିଆ ହୋଇଥିବା ବିଧେୟ । ଗଳା ଲମ୍ବା ଓ ସରୁ ହୋଇଥିବ, ଗୋଡ ଗୁଡିକ ସିଧାସଳଖ, ମଜବୁତ ଓ ହାଡ ମୋଟା ହୋଇଥିବ । ଚମଡା ପତଳା ଓ ନରମ ହୋଇଥିବ । ପହ୍ନା ଲମ୍ବା ଓ ଦୁଇ ଜଙ୍ଘ ମଝିରେ ଲମ୍ବିଥିବ ଓ ପେଟ ସହ ମଜବୁତ ଭାବରେ ଲାଗିଥିବ । ଏହା ହାତକୁ ନରମ ଓ ସ୍ପଞ୍ଜ ଭଳି ଲାଗୁଥିବ ।

ବୋଦାଟିର ଅଣ୍ଡିରା ପଶୁର ସବୁ ଲକ୍ଷଣମାନ ଥିବ, ହୃଷ୍ଟପୁଷ୍ଟ ଓ ବୀର୍ଯ୍ୟବାନ୍ ହୋଇଥିବ । ଏହାର ଲମ୍ବା ଓ ବଡ ଶରୀର ଥିବ । ଏହାର ଅଣ୍ଡକୋଷ ଦୁଇ ଜଙ୍ଘ ମଧ୍ୟରେ ଝୁଲୁଥିବ ଓ ଦୁଇଟି ଯାକ ଅଣ୍ଡ ଠିକ୍ ସ୍ଥାନରେ ଥିବ । କେବଳ ଉତ୍କୃଷ୍ଟ ଗୁଣ ଥିବା ଛେଳିଙ୍କ ସନ୍ତାନକୁ ବୋଦା କରାଯିବା ଉଚିତ୍ ।

## ଛେଳିଙ୍କ ପ୍ରଜନନ :

ଛେଳିମାନେ ୧୫ରୁ ୧୮ ମାସ ବୟସ ବେଳକୁ ପ୍ରଥମେ ପ୍ରଜନନକ୍ଷମ ହୁଅନ୍ତି ଓ ପ୍ରାୟ ୨ ବର୍ଷ ବେଳକୁ ପ୍ରଥମ ଥର ଛୁଆ ପ୍ରସବ କରନ୍ତି । ମାଈ ଓ ଅଣ୍ଡିରା ଛେଳି ଛୁଆମାନଙ୍କୁ ୬ ମାସ ବୟସଠାରୁ ଅଲଗା ଅଲଗା ପାଳନ କରାଯିବା ଉଚିତ । ବୋଦାମାନଙ୍କୁ ଏକ ବର୍ଷ ବୟସରୁ ପ୍ରଜନନ ପାଇଁ ବ୍ୟବହାର କରାଯାଇ ପାରିବ । ଗୋଟିଏ ପ୍ରଜନନକ୍ଷମ ବୋଦା ବର୍ଷରେ ୭୫ ରୁ ୧୦୦ ଗୋଟି ଛେଳିଙ୍କୁ ସଙ୍ଗମ କରିପାରିବ ।

ସନ୍ତାନ ପ୍ରସବର ୬ ରୁ ୮ ସପ୍ତାହ ପରେ ମାଈ ଛେଳି ପୁଣି ଥରେ ଗରମକୁ ଆସେ ଓ ତାପରେ ଗର୍ଭବତୀ ହେବା ପର୍ଯ୍ୟନ୍ତ ପ୍ରତି ୧୮ ରୁ ୨୧ ଦିନରେ ଗରମକୁ ଆସିଥାଏ । ଯଦିଚ ଦୁଧିଆଳୀ ଛେଳିମାନେ ବର୍ଷରେ ଥରେ ଛୁଆ ଦିଅନ୍ତି । ଯେପରି ୩ ଥର ଛୁଆ ଦେଇପାରିବେ, ସେଥିପାଇଁ ଚେଷ୍ଟା କରାଯିବା ଦରକାର । ଛେଳିମାନଙ୍କ ଗରମ ଲକ୍ଷଣ ପୂର୍ବ ଅଧ୍ୟାୟମାନଙ୍କରେ ବର୍ଣ୍ଣନା କରାଯାଇଛି । ଏମାନଙ୍କ ଗରମ ଅବସ୍ଥା ପ୍ରାୟ ୩୬ ଘଣ୍ଟା ରହେ । ତେଣୁ ଗରମ ଲକ୍ଷଣ ପ୍ରକାଶ ପାଇବାର ୧୦ ରୁ ୧୫ ଘଣ୍ଟା ପରେ ଛେଳିଙ୍କୁ ସଙ୍ଗମ କରାଇବା ଉଚିତ । ଯେଉଁ ଛେଳିମାନେ 'ଚୋରା ଗରମ' ଲକ୍ଷଣ ପ୍ରକାଶ କରିଥାନ୍ତି, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯିବା ଉଚିତ୍ ।

ଛେଳିଟି ଗର୍ଭବତୀ ହେବାପରେ ୧୪୫ ରୁ ୧୫୨ ଦିନ ମଧ୍ୟରେ ସନ୍ତାନ ପ୍ରସବ କରେ । ଛୁଆ ଦେବାର ଅଳ୍ପ ଦିନ ପୂର୍ବରୁ ପହ୍ନା ଫୁଲିବାକୁ ଆରମ୍ଭ କରେ, ଉରୁର ମାଂସପେଶୀ ତଳକୁ ଝୁଲିପଡ଼େ, ଯୋନିଦ୍ୱାର ଫୁଲିଉଠେ ଓ କୁଞ୍ଚିତ ଦେଖାଯାଏ । ଗର୍ଭବତୀ ଛେଳିମାନଙ୍କୁ ଅଲଗା ସ୍ଥାନରେ ରଖିବା ଉଚିତ୍ । ଛେଳି ଶୋଇରହି ଛୁଆ ଜନ୍ମ କରେ । ସାଧାରଣ ଭାବରେ ପ୍ରସବବେଳେ ଛୁଆର ଆଗଗୋଡ଼ ଦୁଇଟି ଉପରେ ମୁଣ୍ଡ ରହି ପଦାକୁ ବାହାରେ । ଯଦି ପ୍ରସବରେ ଅସୁବିଧା ଦେଖା ନଯାଏ ତେବେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ । ମା' ତା'ର ଛୁଆଙ୍କୁ ଚାଟି ସଫା କରି ଦେଇଥାଏ । ତା ନହେଲେ ଗୋଟିଏ ଛିଣ୍ଡା ଅଖା ବା କନାରେ ଛୁଆମାନଙ୍କୁ ପୋଛି ଦେବା ଉଚିତ୍ । ଛୁଆଟି ଠିକ୍ ଭାବରେ ନିଶ୍ୱାସ ପ୍ରଶ୍ୱାସ ନେଉଛି କି ନା ତାହା ପରୀକ୍ଷା କରି ଦେଖନ୍ତୁ ।

ସୁସ୍ଥ ସବଳ ଛେଳିଛୁଆମାନେ ଜନ୍ମର ଅଳ୍ପ ସମୟ ମଧ୍ୟରେ ଆପେ ଆପେ ଉଠି ଛିଡ଼ା ହୁଅନ୍ତି । ଦୁର୍ବଳ ଛୁଆମାନଙ୍କୁ ଉଠି ଛିଡ଼ା ହେବାରେ ଓ ମା'ର ଦୁଗ୍ଧ ପିଇବାରେ ସାହାଯ୍ୟ କରିବା ଉଚିତ୍ । ନବଜାତ ଛେଳି ଛୁଆମାନଙ୍କୁ ଯେତେ ଶୀଘ୍ର ସମ୍ଭବ କଷ କ୍ଷୀର ଖୁଆଇବା ଦରକାର ।

## ଛେଳିଙ୍କ ବାସଗୃହ – (ଚିତ୍ର - ୧୧ ପୃଷ୍ଠା)

ଗ୍ରାମାଞ୍ଚଳର ମହିଳାମାନେ ଗୋଟିଏ କିମ୍ବା ଦୁଇଟି ଛେଳି ପାଳୁଥିଲେ ସେଥିପାଇଁ ସ୍ୱତନ୍ତ୍ର ଗୁହାଳର ଆବଶ୍ୟକତା ପଡେନାହିଁ । ମାତ୍ର ଯେଉଁ ସ୍ଥାନରେ ଛେଳିମାନଙ୍କୁ ରଖାଯିବ ସେ ସ୍ଥାନ ଛାଇ ହୋଇଥିବା ଉଚିତ୍ ଓ ଗୁହାଳର ତଳ ପକ୍କା ଓ ଶୁଖିଲା ହୋଇଥିବା ଦରକାର । ଗୁହାଳରେ ଆଲୋକ ଓ ବାୟୁ ଚଳାଚଳର ବ୍ୟବସ୍ଥା ଥିବା ଉଚିତ୍ । ସେମାନଙ୍କୁ ନିଶ୍ଚିତଭାବେ ଖରାପ ପାଗ, ବଣ୍ୟଜନ୍ତୁ ଓ ଚୋର ଉପଦ୍ରବରୁ ରକ୍ଷା କରାଯିବା ବିଧେୟ । ଛେଳିମାନଙ୍କୁ ଥଣ୍ଡା ହେଲେ ଓ ସେମାନେ ଓଦା ହେଲେ ପ୍ରାୟ ରୋଗାକ୍ରାନ୍ତ ହୋଇଥାନ୍ତି ।

ନିୟମାନୁସାରେ ଛେଳିଙ୍କ ଗୁହାଳ ଅଧିକ ବ୍ୟୟସାପେକ୍ଷ ହେବା ଅନୁଚିତ । ଗୁହାଳଟି ପରିଷ୍କାର ପରିଛନ୍ନ ରହିବା ସଙ୍ଗେ ସଙ୍ଗେ ସେଥିରେ ବାୟୁ ଓ ଆଲୋକ ଚଳାଚଳର ବ୍ୟବସ୍ଥା ଥିବା ଦରକାର । ତାହା ଯେପରି ସନ୍ତସନ୍ତିଆ ନ ରହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର । ଗୁହାଳ ଭିତରେ ଓ ବାହାରେ ପାଣି ଜମି ନ ରହେ ଓ ଭଲ ଭାବରେ ନିଷ୍କାଷିତ ହେଉଥାଏ, ସେଥିପ୍ରତି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ୍ ।

ଛେଳିମାନଙ୍କ ପାଇଁ ଦୁଇ ପ୍ରକାରର ଗୁହାଳ ସାଧାରଣ ଭାବରେ ବ୍ୟବହାର କରାଯାଇଥାଏ । ଗୋଟିଏ ହେଲା - ଭୂମିତଳ ସହ ସମାନ ସମତଳରେ ତିଆରି ଗୁହାଳ । ଏହା ଖୋଲାସ୍ଥାନ ହୋଇପାରେ କିମ୍ବା ଘରର ଗୋଟିଏ କାନ୍ଥରୁ ଚାଳିଆ ବାହାର କରି ତିଆରି କରାଯାଇପାରିବ । ଆଗପଟର ଉଚ୍ଚତା ୨ ମିଟରରୁ ୩ ମିଟର ହୋଇଥିବ ଓ ପଛପଟ ଢାଲୁ ହୋଇ ୧ ରୁ ୧.୫ ମିଟର ଉଚ୍ଚ ହୋଇଥିବ । ଚଟାଣ ଟାଣ ମାଟିରେ କିମ୍ବା ରଗଡା ସିମେଣ୍ଟରେ କରାଯାଇପାରିବ ।

ଆଉ ଅନ୍ୟ ଗୋଟିଏ ପ୍ରକାର ଗୁହାଳ ହେଲା ଭାଡି । ଗୁହାଳର ଚଟାଣରୁ ୧ ରୁ ୧.୫ ମିଟର ଉଚ୍ଚରେ ଗୋଟିଏ ଭାଡି ବାନ୍ଧି ତା ଉପରେ ଛେଳିମାନଙ୍କୁ ରଖାଯାଇପାରେ । ଏହା ଫଳରେ ସେମାନଙ୍କର ଲଣ୍ଡି ଓ ମୂତ୍ର ସୁବିଧାରେ ସଫା କରାଯାଇପାରିବ । ଭାରତରେ ୧୦ଟି ଛେଳିଙ୍କୁ ଖୋଲା ଭାବରେ ରଖିଲେ ଗୁହାଳର ମାପ ୧.୮ X ୧.୮ ମିଟର ଓ ଉଚ୍ଚତା ୧.୨ ମିଟର ହେବା ଉଚିତ । ବୋଦାମାନଙ୍କ ପାଇଁ ୨.୪ X ୧.୮ ମିଟର ମାପର ଗୁହାଳ ତିଆରି କରିବା ଦରକାର । ଆହୁରି ମଧ୍ୟ ହିସାବରୁ ଦେଖାଯାଇଛି ଯେ ୧୦୦ ଟିରୁ ୧୨୫ଟି ଛେଳିଙ୍କୁ ୧୨ମି. X ୧୫ମି. ର ଘେରାଟିଏ କରି ରଖାଯାଇପାରିବ ।

ଛେଳିମାନଙ୍କୁ ଶୀତଦିନେ ଉଷୁମ ଘରେ ରଖାଯିବା ଉଚିତ୍ ।

## ସାଧାରଣ ପରିପାଳନ –

ପ୍ରଜନନ ପାଇଁ ଉଦ୍ଦିଷ୍ଟ ବୋଦାମାନଙ୍କୁ ସେମାନଙ୍କର ୩ ମାସ ବୟସଠାରୁ ଅଲଗା ଭାବରେ ଏପରିକି ଏକୁଟିଆ ଭାବରେ ପାଳନ କରାଯିବା ଉଚିତ । ଅନ୍ୟ ବୋଦାମାନଙ୍କୁ ପଶୁ ଚିକିତ୍ସାଳୟକୁ ନେଇ ଧରାଣ କରିଦେବା ଦରକାର । ଖାସିମାନେ ଖୁବ୍ ଶୀଘ୍ର ମୋଟା ହୁଅନ୍ତି, ବୋଦାଳିଆ ଗନ୍ଧ ସେମାନଙ୍କ ଦେହରୁ ବାହାରେ ନାହିଁ ଓ ସେମାନଙ୍କର ମାଂସ ସୁସ୍ୱାଦୁ ଲାଗେ ।

ଦୁଧିଆଳୀ ଛେଳିମାନଙ୍କୁ ଠିକ୍ ସମୟ ବ୍ୟବଧାନରେ ଦିନରେ ଅନ୍ତତଃ ଦୁଇଥର ଦୁହିଁବା ଉଚିତ୍ । ମନେ ରଖିବା ଉଚିତ୍ ଯେ ସ୍ୱାସ୍ଥ୍ୟକର ଭାବେ ପରିପାଳନ କଲେ ଅଧିକ ଉତ୍ପାଦନ ମିଳିଥାଏ ।

ଏଣେତେଣେ ପଳାଇବା ଛେଳିମାନଙ୍କର ଏକ ସ୍ୱାଭାବିକ ଗୁଣ । ତେଣୁ ଦୁଷ୍ଟ ଛେଳିମାନଙ୍କ ପ୍ରତି ସ୍ୱତନ୍ତ୍ରଭାବରେ ଦୃଷ୍ଟି ଦେବା ଦରକାର । ଛେଳିମାନଙ୍କୁ ପ୍ରତିଦିନ ଅନ୍ତତଃ ଥରେ ନରମ ବ୍ରସ୍ କିମ୍ବା କନାରେ ଦୁଗ୍ଧ ଦୁହିଁବା ପୂର୍ବରୁ କୁଣ୍ଡାଇ ଦେବା ଦରକାର । ବୋଦାମାନଙ୍କର ମୁହଁ ଓ ଆଗଗୋଡ ଦୁଇଟିକୁ ପ୍ରତିଦିନ ଧୋଇ ପରିଷ୍କାର କରିଦେବା ଦରକାର । କାରଣ ବୋଦାମାନେ ଏତେ ଜୋରରେ ପରିସ୍ରା କରନ୍ତି ଯେ, ଏହା ସେମାନଙ୍କ ମୁହଁ ଓ ଆଗଗୋଡରେ ପଡି ଓଦା କରିଦେଇଥାଏ ।

ଗୁହାଳରେ ବନ୍ଧା ହେଉଥିବା ଛେଳିମାନଙ୍କ ଖୁରାଗୁଡିକୁ ମାସରେ ଅନ୍ତତଃ ଥରେ 'ଖୁରାକଟା ଯନ୍ତ୍ର'ରେ କାଟି କିମ୍ବା କଇଁଚିରେ କାଟି ଛୋଟ କରିଦେବା ଦରକାର । ନଚେତ୍ ସେମାନଙ୍କ ଚାଲିବାରେ ଅସୁବିଧା ହୋଇଥାଏ ।

ଏହାଦ୍ୱାରା ଅନେକ ଛେଳି ମୃତ୍ୟୁମୁଖରେ ପଡିଥାନ୍ତି । ତେଣୁ ନିୟମିତଭାବରେ ଝାଡା ପରୀକ୍ଷା କରାଇ, କ୍ରିମିନାଶକ ଔଷଧ ଖୁଆଇବା ଉଚିତ୍ । ଛେଳିମାନଙ୍କର ସାଧାରଣ ସଂକ୍ରାମକ ରୋଗଗୁଡିକ ହେଲା- ଫାଟୁଆ, ସଂକ୍ରାମକ ଏକ୍‌ଜିମା, ଲେଣ୍ଟିଭୂତାଣୁ ଜନିତ ରୋଗ, ଛେଳି ବସନ୍ତ, ଗର୍ଭପାତ,(ମାଇକୋପ୍ଲାଜୋସିସ୍), ଇ:କୋଲାଇ:, ଏଣ୍ଟେରୋଟକ୍‌ସିମିଆଁ, କ୍ଲାମାଇଡଓସିସ୍, ପଦ୍ମାଫୁଲା ଏବଂ ପରାଙ୍ଗଜୀବୀ ଜନିତ ପାକାଶୟାନ୍ତ୍ରୌଷ ଆମାଶୟ ଓ ଅନ୍ତର ପ୍ରଦାହ ରୋଗମାନ ହୋଇଥାଏ ।

## ଛେଳିମାନଙ୍କର ରୋଗ

ଛେଳିମାନେ ସାଧାରଣତଃ କ୍ରିମି ଦ୍ୱାରା ଆକ୍ରାନ୍ତ ବହୁତ ହୋଇଥାନ୍ତି ଓ ଏହାଦ୍ୱାରା ଅନେକ ଛେଳି ମୃତ୍ୟୁ ମୁଖରେ ପଡିଥାନ୍ତି ।

**କ୍ରିମି କେଉଁଠୁ ଆସନ୍ତି** – ଛେଳିମାନଙ୍କ ପେଟରେ ଯେଉଁ ସବୁ କ୍ରିମି ବସାବାନ୍ଧି

ରକ୍ତ ଶୋଷୁଥାନ୍ତି ସେମାନେ ଅଣ୍ଡା ଦିଅନ୍ତି ଓ ସେସବୁ ଅଣ୍ଡା ଝାଡ଼ା ସହିତ ମିଶି ପଦାକୁ ଆସେ । ପଡ଼ିଆ, ବିଲ, ଗୋଚରରେ ପଲକୁ ପଲ ଛେଳି ମେଣ୍ଢା ଚରିବା ବେଳେ ରୁଗ୍ଣ ଛେଳିମେଣ୍ଢାଙ୍କ ଝାଡ଼ା ବାଟେ କୃମି ଅଣ୍ଡା ସବୁ ପଦାକୁ ଆସି ଘାସ ପତ୍ରରେ ଲାଖି ରହନ୍ତି । ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଏସବୁ ଅଣ୍ଡା ଫାଟି ତହିଁରୁ ଲାର୍ଭା ବାହାରନ୍ତି ଓ ଏସବୁ ଲାର୍ଭା ସୁସ୍ଥ ଛେଳି ବା ମେଣ୍ଢାମାନଙ୍କ ପେଟକୁ ଯାଇ କୃମିରେ ପରିଣତ ହୁଅନ୍ତି । ତେବେ ବିଭିନ୍ନ କିସମର କୃମିଙ୍କର ଜୀବନବୃତ୍ତାନ୍ତ ଭିନ୍ନ ଭିନ୍ନ ହୋଇଥାଏ ।

ଗବେଷକମାନେ ଅନୁସନ୍ଧାନ କରି ଦେଖିଛନ୍ତି ଯେ, ଗୋଚର ଦଣ୍ଡାରେ (Strongylices) ଜାତିର ଲାଲ୍ କୃମି ଭରି ରହିଥାନ୍ତି । ଏହି ଜାତିର କୃମି ତଥା କେଞ୍ଚୁଆ ଓ ଆଙ୍କୁଶ କୃମି (Hacmonchus spp, Cesophagostonum spp, Bunostomus spp., Gaigera spp, and Trichostrongy lus spp.) ବର୍ଷାଦିନେ ଗୋଚର ଦଣ୍ଡାରେ ଭରି ରହିଥାନ୍ତି । ଘାସ ଚରିବାବେଳେ ଏସବୁ କୃମି ଛେଳିଙ୍କ ପେଟକୁ ଯାଆନ୍ତି । ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଏମାନଙ୍କ ସଂଖ୍ୟା ବହୁତ ଥାଏ । ସବୁଠାରୁ ଅଧିକ ପରିମାଣର କୃମି ଲାର୍ଭା ଘାସ ପଡ଼ିଆରୁ ସେପ୍ଟେମ୍ବର ମାସରେ ମିଳିବାର ଦେଖାଯାଏ ।

ଶୀତ ଦିନେ ଗରମ କମିଗଲେ ନଭେମ୍ବର ମାସରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ପଡ଼ିଆ ବିଲରୁ କୃମି ସଂଖ୍ୟା କମିଯାଏ । ପୁଣି ମାର୍ଚ୍ଚ ମାସରେ ଗରମ ପଡ଼ିଲେ ଏହି ସଂଖ୍ୟା ବଢ଼ିଯାଏ । ମାତ୍ର ଏପ୍ରିଲ୍ ଠାରୁ ଜୁନ୍ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପଡ଼ିଗଲେ ଏ ସବୁ କୃମି ଲାର୍ଭା ମରିଯାଆନ୍ତି ଓ ପଡ଼ିଆ ବିଲରେ ଚରିବା କ୍ଷତିକାରକ ହୁଏ ନାହିଁ ।

ଏଥିରୁ ଭଲଭାବେ ବୁଝିଲେ ଯେକୌଣସି ଲୋକ ଛେଳିମାନଙ୍କୁ କୃମିନାଶକ ଔଷଧ ଦେଇ ସୁସ୍ଥ ସବଳ କରି ରଖିପାରିବ । ନିୟମିତ ଭାବରେ କୃମିନାଶକ ଔଷଧ ନ ଦେଇପାରିଲେ, ଯେତେ ଖାଇବାକୁ ଦେଲେ ମଧ୍ୟ ଛେଳି ଦୁର୍ବଳ ହୋଇଯିବ ଓ ଯଥାରୀତି ବଢ଼ିପାରିବ ନାହିଁ । ଫଳରେ ଛାଗ ପାଳକ ଶହେ ଟଙ୍କାର ଜନ୍ତୁଟିକୁ ପଚାଶରେ ବିକ୍ରି କରିବାକୁ ବାଧ ହେବ । ଏସବୁ ଦୃଷ୍ଟିରୁ ନିୟମିତ ଭାବରେ ଝାଡ଼ା ପରୀକ୍ଷା କରାଇ, କୃମି ନାଶକ ଔଷଧ ଖୁଆଇବା ଉଚିତ୍ ।

## କୃମିନାଶକ ଔଷଧ ଦେବାର ସମୟ

୧) ଛେଳିଛୁଆ ଦୁଇମାସର ହୋଇଗଲେ କେଞ୍ଚୁଆ ନାଶକ ଔଷଧ ଦେଇଦେବା ଭଲ ।

୨) ଛେଳିଛୁଆ ଚାରିମାସର ହେବାମାତ୍ରେ ଫିତାକୃମି, ଆଙ୍କୁଶକୃମି ବା ଲାଲ୍‌କୃମି ନାଶକ ଔଷଧ ଦେବା ଭଲ ।

୩) ବର୍ଷାଦିନ ଶେଷରେ ସବୁତକ ଛେଳିଙ୍କୁ ଦଶହରା ସମୟରେ କୃମି ନାଶକ ଔଷଧ ଦେବା ଉଚିତ୍ । ସାଧାରଣତଃ ବଡ ବଡ ଛେଳିଙ୍କର ଆଙ୍କୁଶ ବା ଲାଲ୍‌କୃମି ସହିତ ପତ୍ରକୃମି ସଂକ୍ରମଣ ରହିଥାଏ । ତେଣୁ ଏହି କୃମି ନାଶକାରୀ ଓଷଧ ଆଶ୍ୱିନ ମାସରେ ଦେଇଦେବା ଉଚିତ୍ ।

୪) ଶୀତଋତୁ ଶେଷ ବେଳକୁ ଫାଲଗୁନ ମାସରେ ପୁଣି ଥରେ କୃମିନାଶକ ଔଷଧ ପିଆଇଦେବା ଉଚିତ୍ । କାରଣ ଏହାପରେ ଗ୍ରୀଷ୍ମ ଋତୁ ପଡିବ ଓ ଖରାଦିନେ ଘାସ ପତ୍ରରେ କମ୍ ସଂଖ୍ୟକ କୃମି ସୃଷ୍ଟିକାରୀ ଲାର୍ଭା ରହିଥିବେ । ତେଣୁ ଗ୍ରୀଷ୍ମ ଋତୁ ପୂର୍ବରୁ ପେଟରୁ କୃମି ସଫା ହୋଇଗଲେ ଖରାଦିନେ ଓ ବର୍ଷାଦିନସାରା ଛେଳିମାନେ ଭଲ ବଢି ପାରିବେ ।

## ଅନ୍ୟାନ୍ୟ ଜୀବାଣୁ ଓ ଭୂତାଣୁ ଜନିତ ରୋଗ –

ଛେଳିମାନଙ୍କର ସାଧାରଣ ସଂକ୍ରାମକ ରୋଗ ଗୁଡିକ ହେଲା - ଫାଟୁଆ, ସଂକ୍ରାମକ ଏକ୍‌ଜିମା, ଛେଳିବସନ୍ତ, ଗର୍ଭପାତ, ସାହାଣ, ନିମୋନିଆ, ଏଣ୍ଟେରୋଟକ୍‌ସସିମିଆ ଇତ୍ୟାଦି ଏହି ସବୁ ରୋଗ ବିଷୟରେ ମେଣ୍ଢାର ରୋଗର ବର୍ଣ୍ଣନା କରାଯାଇଅଛି ।

ଛେଳିମାନଙ୍କୁ ସାହାଣ, ଫାଟୁଆ, ଏଣ୍ଟେରୋଟକ୍‌ସସିମିଆ, ଛେଳିବସନ୍ତ ପ୍ରଭୃତି ସଂକ୍ରାମକ ରୋଗ ନ ହେବା ପାଇଁ ପ୍ରତିଷେଧକ ଟିକା ଦେବା ଦରକାର । ଏଥିପାଇଁ ପଶୁଚିକିତ୍ସକ ସହିତ ପରାମର୍ଶ କରିବା ଉଚିତ୍ ।

## ଛେଳି ଓ ମେଣ୍ଢା ପାଳନର ଆର୍ଥିକ ଦିଗ –

ଯେତେବେଳେ ଶସ୍ୟ ଭଲଭାବରେ ନ ଫଳେ, ସେତେବେଳେ ଛେଳି ଓ ମେଣ୍ଢା ପାଳନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସାହାଯ୍ୟ କରିଥାଏ । ତେଣୁ ଏମାନଙ୍କୁ ଗରିବ ଲୋକଙ୍କର (Mortgage Lifter) ବା ଋଣ ପରିଶୋଧକାରୀ ବୋଲି କୁହାଯାଇଥାଏ । କାରଣ ଏମାନଙ୍କ ଦ୍ୱାରା ସେ ଅଧିକ ରୋଜଗାର କରିବାକୁ ସମର୍ଥ ହୋଇଥାଏ । ଏହା ସାଧାରଣତଃ ଗ୍ରାମ୍ୟ କୃଷି ଶ୍ରମିକ, ମହିଳା ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କ କ୍ଷେତ୍ରରେ ଅଧିକ ସତ୍ୟ ବୋଲି ପ୍ରମାଣିତ ହୋଇଥାଏ । ଯାଯାବର ମେଣ୍ଢାପାଳକମାନେ ବଂଶ ପରଂପରା ଅନୁସାରେ ମେଣ୍ଢାପଲ ରଖିଥାନ୍ତି; ଯାହାକି ସେମାନଙ୍କ ପରିପୋଷଣର ଏକମାତ୍ର ପନ୍ଥା ଅଟେ । ଗ୍ରାମ୍ୟ ମହିଳାମାନେ କେବଳ ଯେ, ଅଧିକ ଅର୍ଥ ଉପାର୍ଜନ ପାଇଁ ମେଣ୍ଢା ଓ ଛେଳି ପାଳିବା ଉଚିତ ନୁହେଁ, ସେମାନେ ନିଜର ପିଲାମାନଙ୍କ ପାଇଁ ନିୟମିତ ଦୁଗ୍ଧ ମଧ ପାଇପାରିବେ । ଛେଳି ପାଳିବା ବେଶୀ ସମୟ

ସାପେକ୍ଷ ନୁହେଁ । ତେଣୁ ମହିଳାମାନେ ନିଜର ଦୈନନ୍ଦିନ ଗୃହକାର୍ଯ୍ୟ ସହିତ ସୁବିଧାରେ ଛେଳି ମଧ୍ୟ ପାଳିପାରିବେ ।

ଆମ ଦେଶରେ ଛେଳି ଓ ମେଣ୍ଢା ପାଳନ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଛି । ଏମାନଙ୍କର ପରିପାଳନ ଖର୍ଚ୍ଚ ବହୁତ କମ୍ ଓ ଏମାନଙ୍କର ମୃତ୍ୟୁ ହାର ମଧ୍ୟ କମ୍ । ତେଣୁ ଅଳ୍ପ ମୂଳଧନ ବିନିଯୋଗ କଲେ ଅଳ୍ପ ସମୟ ବ୍ୟବଧାନରେ ବରାବର କିଛି ଆୟ ମିଳିଥାଏ । ଏମାନେ ମଧ୍ୟ ଗ୍ରାମ୍ୟଅର୍ଥନୀତିକୁ ସାହାଯ୍ୟ କରିଥାନ୍ତି । କାରଣ ଏମାନଙ୍କ ମଳ ଓ ମୂତ୍ର ମୂଲ୍ୟବାନ ସାର ରୂପେ ଜମିରେ ବ୍ୟବହୃତ ହେବା ସଂଗେ ସଂଗେ ଚମଡା ଶିଳ୍ପରେ ଅଧିକ ଶ୍ରମିକ ନିଯୁକ୍ତିର ସୁବିଧା ପାଇଥାନ୍ତି ।

ଲୋକମାନେ ଭାବନ୍ତି ଯେ, ଏହି ଛୋଟିଆ ପଶୁମାନେ ବିଶେଷତଃ ଛେଳିମାନେ ଗୁଳ୍ମ ଓ ଛୋଟ ଛୋଟ ଗଛ ସବୁ ନଷ୍ଟ କରିବା ଫଳରେ ମାଟି ଧୋଇ ହୋଇଯାଏ । କିନ୍ତୁ ଏହା ମାଟିର ରକ୍ଷଣାବେକ୍ଷଣ ଅଭାବରୁ ହୋଇଥାଏ । ଉପଯୁକ୍ତ ଯୋଜନା ଦ୍ୱାରା ଛୋଟ ରୋମନ୍ଥନକାରୀ ପ୍ରାଣୀ ଓ ଗୁଳ୍ମଗୁଡିକର ସହାବସ୍ଥାନ ସୁଗମ ହୋଇ ପାରିବ । ଛେଳିମାନେ ପତିତ ଜମି ସୃଷ୍ଟି କରୁଛନ୍ତି ବୋଲି କହିବା ଫଳରେ ଏମାନେ ଯେ ଗରିବର ସ୍ୱର୍ଣ୍ଣଖଣି, ଏହାର ଯଥାର୍ଥତା ପ୍ରତିପାଦନ କରିବାରେ ବାଧା ନ ଉପୁଜୁ ।

## ଛେଳି ଓ ମେଣ୍ଢା ପାଳନରୁ ଆର୍ଥିକ ଲାଭ –

ଅନ୍ୟ ପଶୁମାନଙ୍କ ପରି, ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ (ଲୋମ, ମାଂସ ଓ ଦୁଗ୍ଧ) ହିଁ ଛେଳି ଓ ମେଣ୍ଢା ପାଳନର ମୁଖ୍ୟ ଆର୍ଥିକ ଦିଗ । ଆହୁରି ମଧ୍ୟ, ସେମାନଙ୍କର ନିୟମିତ ସନ୍ତାନ ଉତ୍ପାଦନ ଓ ଯତ୍ନ ମଧ୍ୟ ପ୍ରଧାନ ବିଷୟ । ଏହା ଉପଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ନିର୍ଭର କରେ । ବିଶେଷତଃ ପ୍ରଜନନ ପୂର୍ବରୁ ଓ ପରେ, ଗର୍ଭାବସ୍ଥାରେ ଓ ଶାବକମାନଙ୍କୁ ଦୁଗ୍ଧ ଦେଉଥିବା ସମୟରେ ଏମାନଙ୍କ ଖାଦ୍ୟ ପ୍ରତି ବିଶେଷ ଯତ୍ନଶୀଳ ହେବା ଦରକାର । ଠିକ୍ ଭାବରେ ଖାଇବାକୁ ଦେଲେ ଛେଳିଟି ଥରକେ ୨ଟି କିମ୍ବା ୩ଟି ଛୁଆ ଜନ୍ମ କରିପାରିବ ।

ଭାରତରେ ଦେଶୀ ଛେଳି ଓ ମେଣ୍ଢାମାନଙ୍କୁ ସାଧାରଣତଃ ବିଲବାଡିରେ ଚରାଇ ପାଳିଥାନ୍ତି । ଯେହେତୁ ଏମାନଙ୍କଠାରୁ ଅଳ୍ପ ଆୟ ମିଳିଥାଏ, ତେଣୁ ଏମାନଙ୍କ ପାଇଁ ଏହି ପନ୍ଥା ସବୁଠୁ ଭଲ । କେବଳ ଉତ୍କୃଷ୍ଟ ଧରଣର ଛେଳିଙ୍କୁ ଓ ଦୁଗ୍ଧ ପାଇଁ ପାଳନ କରାଯାଉଥିବା ଛେଳିମାନଙ୍କୁ ଗୁହାଳରେ ବାନ୍ଧି ରଖାଯାଇଥାଏ ଓ ସେହି ଗୁହାଳରେ ହିଁ ଖାଇବାକୁ ଦିଆଯାଇଥାଏ । ଆହୁରି ଗୋଟିଏ ସାଧାରଣ ପ୍ରଣାଳୀ ହେଲା ଯେ ଆଂଶିକ ଭାବରେ ଅର୍ଥାତ୍ ଦିନରେ ଚରିବାକୁ ଛାଡିବ ଓ ରାତିରେ ଗୁହାଳରେ ବାନ୍ଧି ଖାଇବାକୁ ଦେବା ପ୍ରଣାଳୀ । ଚାଷୀ, ସ୍ଥାନୀୟ ଅବସ୍ଥାର ଅନୁସାରେ ଯେକୌଣସି ଗୋଟିଏ ପନ୍ଥା

ବାଛି ନେଇପାରେ । ଯାହା ହେଲେ ମଧ୍ୟ କେବଳ ଉନ୍ନତ ଛେଳି ଓ ସଙ୍କର ମେଣ୍ଢା ଗୁହାଳରେ ରଖି ଖାଇବାକୁ ଦିଆଯାଇପାରେ ।

ଏଥିରେ ଛେଳି ମେଣ୍ଢା ପାଳନ ୟୁନିଟ୍‌ର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚିତ ହୋଇଛି । ନିଜ ଅଞ୍ଚଳର ଅବସ୍ଥାକୁ ବିଚାରକୁ ନେଇ ସ୍ଥଳ ବିଶେଷରେ ପରିବର୍ତ୍ତନ କରିପାରିବେ ।

## କ୍ଷୁଦ୍ରଚାଷୀ ପାଇଁ ମେଣ୍ଢା ପାଳନ ୟୁନିଟ୍‌ର ଆର୍ଥିକ ଦିଗ – (୨୦ଟି ମେଣ୍ଢୀ + ଗୋଟିଏ ଗାରଡ) ବିଶିଷ୍ଟ ୟୁନିଟ୍

| | | | |
|---|---|---|---|
| ୧. | ମେଣ୍ଢୀ ୨୦ଟି ଖରିଦ୍ ବାବଦକୁ | ଟ. | ୧୧୦୦୦.୦୦ |
| ୨. | ଗୋଟିଏ ଗାରଡ କିଣିବା ଖର୍ଚ୍ଚ | ଟ. | ୧୦୦୦.୦୦ |
| ୩. | ପଶୁଙ୍କ ଜୀବନବୀମା (୨.୭୫%) | ଟ. | ୪୮୦.୦୦ |
| ୪. | ଔଷଧ ଖର୍ଚ୍ଚ | ଟ. | ୩୨୫.୦୦ |
| ୫. | ମେଣ୍ଢା ଗୁହାଳ ତିଆରି ଖର୍ଚ୍ଚ | ଟ. | ୧୦୦୦.୦୦ |
| | ସମୁଦାୟ | ଟ. | ୧୩୮୦୫.୦୦ |
| | ଅର୍ଥାତ୍ | ଟ. | ୧୩୮୦୦.୦୦ |

ସାଧାରଣତଃ ଏହି ୟୁନିଟ୍‌ର ଖର୍ଚ୍ଚ ଆଇ.ଆର.ଡି.ପି. ମାଧ୍ୟମରେ ବ୍ୟାଙ୍କ ଋଣ ଶୋଧ ସମୟ ୫ ବର୍ଷ ।

## କ୍ଷୁଦ୍ରଚାଷୀ ପାଇଁ ଛେଳି ପାଳନ ୟୁନିଟ୍‌ର ଆର୍ଥିକ ଦିଗ – (୨୦ଟି ମାଈ ଛେଳି + ଗୋଟିଏ ବୋଦା) ବିଶିଷ୍ଟ ୟୁନିଟ୍

| | | | |
|---|---|---|---|
| ୧. | ମାଈ ଛେଳି ୧୦ଟି ଖରିଦ୍ ବାବଦକୁ ଖର୍ଚ୍ଚ | ଟ. | ୬୫୦୦.୦୦ |
| ୨. | ଗୋଟିଏ ବୋଦା କିଣିବା ଖର୍ଚ୍ଚ | ଟ. | ୧୦୦୦.୦୦ |
| ୩. | ପଶୁଙ୍କ ଜୀବନବୀମା (୨.୭୫%) | ଟ. | ୩୦୦.୦୦ |
| ୪. | ଔଷଧ ଖର୍ଚ୍ଚ | ଟ. | ୧୭୫.୦୦ |
| ୫. | ଛେଳି ଗୁହାଳ ତିଆରି ଖର୍ଚ୍ଚ | ଟ. | ୭୦୦.୦୦ |
| | ସମୁଦାୟ | ଟ. | ୮୬୭୫.୦୦ |
| | ଅର୍ଥାତ୍ | ଟ. | ୮୭୦୦.୦୦ |

ଯେଉଁମାନେ ଛେଳି ଓ ମେଣ୍ଢାର ବଡ ଧରଣର ଫାର୍ମ କରିବା ପାଇଁ ଚାହୁଁଛନ୍ତି ସେମାନେ ଓଡ଼ିଶା ପଶୁପାଳନ ଓ ପଶୁ ଚିକିତ୍ସାନିର୍ଦ୍ଦେଶାଳୟର ବିପଣନ ଅଧିକାରୀଙ୍କ ସହିତ ପରାମର୍ଶ କରିବା ଉଚିତ୍ ।

